

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୬ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 FEBRUARY 2022

Vol.No. 33 ■ No. 35 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କୁଖ୍ୟାତ ଅପରାଧୀ ଅର୍ଜୁନ ରାଣା ଗିରଫ

ରାଉରକେଲା, ୦୫/୦୨ (ନି.ପ୍ର): ରାଉରକେଲା ପୋଲିସକୁ ବଡ ସଫଳତା । କୁଖ୍ୟାତ ଅପରାଧୀ ଅର୍ଜୁନ ରାଣାକୁ ଗିରଫ କଲା ପୋଲିସ । ତେବେ ପିଏଲଏଫଆଇ ସୁପ୍ରିମୋ ଦୀନେଶ ଗୋପର ମୁଖ୍ୟ ସହଯୋଗୀ ହେଉଛି ଅର୍ଜୁନ ରାଣା । ଯାହାର ଟାର୍ଗେଟରେ ଥିଲେ ଶିଳ୍ପପତି ଓ ବ୍ୟବସାୟୀ । ତେବେ ପୋଲିସ ଅର୍ଜୁନ ରାଣାକୁ ଗିରଫ କରିବା ସହିତ ୨ଟି ପିସ୍ତଲ, ଗୋଟିଏ ବନ୍ଧୁକ ଓ ୫ଟି ଅଫୁଟା ଗୁଳି ଜବତ କରିଛି । ଏନେଇ ରାଉରକେଲା ଏସପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଅର୍ଜୁନ ନାଁରେ ବୀରମିତ୍ରପୁର, ରଘୁନାଥପଲ୍ଲୀ ଥାନାରେ ଏକାଧିକ ମାମଲା ଅଛି ।

## ୟୁଏଇରେ ଧରା ପଡ଼ିଲା ମୁମ୍ବାଇ ସିରିଜ ବୋମା ବିସ୍ଫୋରଣର ମାଷ୍ଟରମାଇଣ୍ଡ

ନୂଆଦିଲ୍ଲୀ, ୦୫/୦୨ ଭାରତୀୟ ସୁରକ୍ଷା ଏଜେନ୍ସିକୁ ବଡ଼ ସଫଳତା ମିଳିଛି। ଭାରତ ଓ ୟୁଏଇର ମିଳିତ ପ୍ରୟାସ ଯୋଗୁ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛି ୧୯୯୩ ମୁମ୍ବାଇ ସିରିଜ ବୋମା ବିସ୍ଫୋରଣର ମାଷ୍ଟରମାଇଣ୍ଡ ତଥା କୁଖ୍ୟାତ ଆତଙ୍କବାଦୀ ଅବୁ ବକର। ମୁମ୍ବାଇର ୧୨ଟି ସ୍ଥାନରେ ହୋଇଥିବା ସିରିଜ ବୋମା ବିସ୍ଫୋରଣରେ ୨୭୫ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୭୧୩ ଜଣ ଆହତ ହୋଇଥିଲେ। ସେବେଠାରୁ ସୁରକ୍ଷାକର୍ମୀମାନେ ହମଲାରେ ସାମିଲ ଥିବା ଅବୁ ବକର ଓ ଅନ୍ୟମାନଙ୍କୁ ଖୋଜୁଥିଲେ। ଏବେ ଅବୁ ବକର ୟୁଏଇରେ ଗିରଫ ହୋଇଛି। ତା'କୁ ▶▶ପୃଷ୍ଠା ୭

# ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ଜଣେ ସାମ୍ବାଦିକ ହୋଇ ଆଉ ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଖବର ଲେଖିବା ବେଳେ ଖୁବ୍ ଅସହଜ ଲାଗିଥାଏ । ହେଲେ ବିପଦ ସଙ୍କୁଳ ଅବସ୍ଥାରେ ଖବର ସଂଗ୍ରହ କଲାବେଳେ ସାମ୍ବାଦିକଙ୍କୁ ଜୀବନ ବାଜିରେ ଲଗାଇବାକୁ ପଡେ । ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ସାମ୍ବାଦିକ ଖବର ପାଲଟି ଯାଇଛନ୍ତି । ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରୁଥିବା ନକ୍ସଲ ବାହିନୀର ଟାର୍ଗେଟକୁ ଆସିଯାଇଛନ୍ତି ଦୈନିକ ଖବର କାଗଜ 'ଧରିତ୍ରୀ'ର ସାମ୍ବାଦିକ ରୋହିତ ବିଶ୍ୱାଳ । ତେବେ ନିର୍ବାଚନ ବର୍ଜନ ପାଇଁ ଗଛରେ ପୋଷ୍ଟର ମାରି ମାଟିରେ ମୃତ୍ୟୁର ଜାଲ ବିଛାଇଥିଲେ ନକ୍ସଲ ବାହିନୀ । ଆଉ ସେହି ମୃତ୍ୟୁର ମାଟିରେ ପାଦ ଦେଇ ଜୀବନ ହରାଇଛନ୍ତି ସାମ୍ବାଦିକ ରୋହିତ । କଳାହାଣ୍ଡି ଜିଲ୍ଲାର ଏହି ଅଭାବନୀୟ ଘଟଣା ପରେ, ରାଜ୍ୟ ସରକାରଙ୍କ ପକ୍ଷରୁ ରୋହିତ ବିଶ୍ୱାଳଙ୍କ ପରିବାରକୁ ୧୩ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି । ଦୈନିକ ସମ୍ବାଦପତ୍ର ଧରିତ୍ରୀର ସାମ୍ବାଦିକ ରୋହିତ ବିଶ୍ୱାଳ ନକ୍ସଲଙ୍କ ସଂପର୍କରେ ଖବର ସଂଗ୍ରହ କରିବାକୁ ଯାଇ ଖବର ପାଲଟି ଯାଇଛନ୍ତି । ମାଓବାଦୀ ଲଗାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ▶▶ପୃଷ୍ଠା ୭

### ମୃତକଙ୍କ ପରିବାରକୁ ୧୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ସରକାର ୧୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେବେ ବୋଲି ଘୋଷଣା କରିଛନ୍ତି । ଏନେଇ ରାଜ୍ୟ ସରକାରଙ୍କର ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି ଯେ ଅନୁକମ୍ପାମୂଳକ ରାଶି ମୃତ ସାମ୍ବାଦିକଙ୍କ ପରିବାରକୁ ମିଳିବ। ପୁଲିସ ବିଭାଗ ପକ୍ଷରୁ ୯ ଲକ୍ଷ ଟଙ୍କା ଓ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ମିଳିବ। ଅନୁକମ୍ପା ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି ।

# ଗୋପାଳପୁର ପାଇଁ ମଇଦାନକୁ ଓହ୍ଲାଇଲେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ

ଗଞ୍ଜାମ, ୦୫/୦୨ (ନି.ପ୍ର): ଗଞ୍ଜାମ ରାଜନୀତି ମଇଦାନରେ ରାଜନୈତିକ ସଚିବ । ପ୍ରଦୀପ ପାଣିଗ୍ରାହୀ ବିଜେଡିରୁ ବହିଷ୍କୃତ ହେବା ପରେ ଖାଲି ପଡିଥିବା ଗୋପାଳପୁର ଆସନ ଉପରେ ଏବେ ସମସ୍ତଙ୍କ ଆଖି ରହିଛି । ଦଳର ମଙ୍ଗ ଏଠି କିଏ ଧରିବ ତାକୁ ନେଇ ଅଙ୍କକଷା ଭିତରେ ସାମ୍ନାକୁ ଆସିଛନ୍ତି ଗୋପବନ୍ଧୁ ଦାସ । ମହିଳା ସଶକ୍ତିକରଣ ଓ ମିଶନ ଶକ୍ତି କଥା କହି ସେ ଭୋଟ୍ ଅପିଲ କରିଛନ୍ତି । ତେଣୁ ଚର୍ଚ୍ଚା ହେଉଛି ୨୦୨୪ ବେଳକୁ ନିଜେ ରାଜନୀତିର ମଇଦାନକୁ ଓହ୍ଲାଇବା ପାଇଁ ବାଟ କରୁଛନ୍ତି ଅଫିସରରୁ ନେତା ବନିଥିବା ଏହି ପୂର୍ବତନ ଆଇଏଏସ୍ । ଗଞ୍ଜାମ ରାଜନୀତିରେ ସାମ୍ନାକୁ ଆସୁଛନ୍ତି କି ନୂଆ ଚେହେରା ? କାହିଁକି ନା, ଜିଲ୍ଲାର କୁକୁଡାଖଣ୍ଡି ବ୍ଲକର ୧୦ ନମ୍ବର ଜୋନରେ ଦଳ ପାଇଁ ପ୍ରଚାର କରୁଛନ୍ତି ଖୋଦ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ । ଜନସାଧାରଣ ମଧ୍ୟ କରତାଳି ମାଧ୍ୟମରେ ନୂଆ ନେତାଙ୍କୁ କରୁଛନ୍ତି ସମର୍ଥନ । ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଭିଡିଓ ବାର୍ତ୍ତାକୁ ଲୋକଙ୍କ ସାମ୍ନାରେ ରଖିବା ସହ ମୁଖ୍ୟମନ୍ତ୍ରୀଙ୍କ କଥା କହି ଖେଳିଛନ୍ତି ଦଳର ସବୁଠାରୁ ବଡ ଶକ୍ତି କୁହାଯାଉଥିବା ମହିଳା କାର୍ଡ । ଅବସର ପରେ ଗୋପବନ୍ଧୁଙ୍କୁ ମୁଖ୍ୟମନ୍ତ୍ରୀ ନିଜର ରାଜନୈତିକ ସଚିବ ଭାବରେ ନିଯୁକ୍ତି ଦେଇଛନ୍ତି । ଆଉ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବହିଷ୍କୃତ ହେବା ପରେ ସେଠାରେ ଦଳର ମଙ୍ଗ ଧରିଛନ୍ତି ଏକଦା ପାଓ୍ୱାର କରିଡରର ଏହି ପାଓ୍ୱାରଫୁଲ ଅଫିସର । ପୂର୍ବରୁ ରୁଦ୍ଧଦ୍ୱାର ବୈଠକ କରି ସ୍ଥାନୀୟ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଉଥିବା ଏହି ପୂର୍ବତନ ଅଧିକାରୀ ଏବେ ପ୍ରଥମ ଥର ପାଇଁ ମଞ୍ଚ ଆରୋହଣ ସହ ନିର୍ବାଚନ ପ୍ରଚାର କରିଛନ୍ତି । ସମଗ୍ର ଗଞ୍ଜାମ ଜିଲ୍ଲାରେ ଦଳର ସଂଗଠନକୁ ସେ ପରିଚାଳନା କରୁଥିବା ଚର୍ଚ୍ଚା ହେଉଛି ।

# ରାମାନୁଜଚାର୍ଯ୍ୟଙ୍କ ବିଶାଳ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ମୋଦି

ହାଇଦ୍ରାବାଦ, ୦୫/୦୨ ଲୋକାର୍ପିତ ହୋଇଛି ସ୍ୱାମୀ ରାମାନୁଜଚାର୍ଯ୍ୟଙ୍କ ବିଶାଳ ପ୍ରତିମୂର୍ତ୍ତି ବା ଷ୍ଟାଚ୍ୟୁ ଅଫ ଇକୁଆଲିଟି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରତିମୂର୍ତ୍ତିର ଅନାବରଣ କରିଛନ୍ତି । ସ୍ୱାମୀ ରାମାନୁଜାଚାର୍ଯ୍ୟଙ୍କ ଏକ-ହଜାରତମ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ଏହି ବିଶାଳ ପ୍ରତିମୂର୍ତ୍ତିକୁ ଅନାବରଣ କରିଛନ୍ତି ମୋଦି । ହାଇଦ୍ରାବାଦ ସାମସାବାଦସ୍ଥିତ ମୁଚିନ୍ତଲରେ ଥିବା ଚିନ୍ନା ଜିୟାର ଆଶ୍ରମ ପରିସରରରେ ଏହି ମୂର୍ତ୍ତି ସ୍ଥାପନ କରାଯାଇଛି। ୨୧୬ ଫୁଟ ଉଚ୍ଚତା ବିଶିଷ୍ଟ ଏହା ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ସିଟିଂ ଷ୍ଟାଚ୍ୟୁ ବା ବସିଥିବା ପ୍ରତିମୂର୍ତ୍ତି । ବୈଷ୍ଣବ ସମ୍ପ୍ରଦାୟର ସନ୍ଥ ତଥା ସମାଜ ସଂସ୍କାରକ ସ୍ୱାମୀ ରାମାନୁଜାଚାର୍ଯ୍ୟଙ୍କ ସମ୍ପର୍କରେ ଭବିଷ୍ୟତ ପୀଢି ଯେପରି ଜାଣିପାରିବେ ସେଥିପାଇଁ ଏହି ମୂର୍ତ୍ତିର ନିର୍ମାଣ କରାଯାଇଛି। ୫୮ ଫୁଟ ଉଚ୍ଚତା ବିଶିଷ୍ଟ ରାମାନୁଜଚାର୍ଯ୍ୟଙ୍କ ମନ୍ଦିରର ମୂଳ ଭବନ ଉପରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଏହି ମୂର୍ତ୍ତିକୁ ୫ଟି ଧାତୁରେ ନିର୍ମାଣ କରାଯାଇଛି । ଏସବୁ ହେଉଛି ସୁନା, ରୂପା, ▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ମୁହଁ ଖୋଲିଲେ ସିଦ୍ଧୁ

ନୂଆଦିଲ୍ଲୀ, ୦୫/୦୨: ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଅଛି । କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ ନବଜୋତ ସିଂହ ସିଦ୍ଧୁ ଅମୃତସର ପୂର୍ବ ଆସନରୁ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି । ତେବେ ଏଭଳି ସମୟରେ ପଞ୍ଜାବରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି । ଆଉ ଏହାକୁ ନେଇ ଏବେ ପ୍ରତିକ୍ରିୟା ରଖିଛନ୍ତି ସିଦ୍ଧୁ । ସିଦ୍ଧୁଙ୍କୁ କହିବା ଅନୁସାରେ, ସିଏମ୍ ପଦକୁ ନେଇ ଦଳର ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ତାହା ହିଁ ଶେଷ ନିଷ୍ପତ୍ତି । ସେ ଏହାକୁ ସ୍ୱୀକାର କରିବେ ଏବଂ ଶେଷ ନିଶ୍ୱାସ ପର ?ୟନ୍ତ କଂଗ୍ରେସରେ ରହିବେ । ତେବେ ଚରଣଜିତ ସିଂହଙ୍କ ଭଳି ଦଳିତ ଚେହେରାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯାଇପାରେ ବୋଲି ପ୍ରଶ୍ନରେ ସେ କହିଛନ୍ତି, ପଞ୍ଜାବ ଜାତିରୁ ନୁହେଁ ବରଂ ମୁଦ୍ଦାରେ ପରିବର୍ତ୍ତନ ହେବ । ପାର୍ଟି ଯାହା ନିଷ୍ପତ୍ତି ନେବେ, ତାକୁ ସମସ୍ତେ ଗ୍ରହଣ କରିବେ ବୋଲି ସିଦ୍ଧୁ କହିଛନ୍ତି । ଅନ୍ୟପଟେ ପ୍ରକାଶ ସିଂହ ବାଦଲଙ୍କୁ ଧୃତରାଷ୍ଟ୍ର ବୋଲି କହି ସେ କହିଛନ୍ତି, ତାଙ୍କୁ କେବଳ ସୁଖବୀରଙ୍କ ଛଡା ଆଉ କେହି ଦେଖାଯାଉନାହାଁନ୍ତି । ଗତ ବହୁବର୍ଷ ଧରି କ୍ୟାପଟେନ୍ ▶▶ପୃଷ୍ଠା ୭

# ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର, ୦୫/୦୨ (ନି.ପ୍ର): 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ'କୁ ପାଥେୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଗତ ୧ ତାରିଖ ଦିନ ଉପସ୍ଥାପନା କରିଥିବା "ବଜେଟ-୨୦୨୨"କୁ ଦେଶବ୍ୟାପୀ ପ୍ରଶଂସା ମିଳିଛି । ମୋଦି ସରକାରଙ୍କ 'ଆତ୍ମନିର୍ଭର ଅର୍ଥବ୍ୟବସ୍ଥା' ଏବଂ "ବଜେଟ-୨୦୨୨" ପ୍ରସଙ୍ଗରେ ଦେଶବାସୀଙ୍କୁ ବିସ୍ତୃତ ତଥ୍ୟ ଜଣାଇବା ପାଇଁ କେନ୍ଦ୍ରମନ୍ତ୍ରୀମାନେ ବିଭିନ୍ନ ରାଜ୍ୟ ଗସ୍ତ କରିବେ । ଏହି ପରିପ୍ରେକ୍ଷୀରେ ଆସନ୍ତା କାଲି କେନ୍ଦ୍ର ରେଳ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଆସନ୍ତା କାଲି ମଧ୍ୟାହ୍ନ ୧୨.୦୫ ଟାରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ଏବଂ ଅପରାହ୍ନ ୪ଟାରେ କଟକସ୍ଥିତ ଶାରଳା ଭବନରେ ଆୟୋଜିତ ବୁଦ୍ଧିଜୀବି ସମ୍ମିଳନୀରେ ଯୋଗ ଦେବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

## ରାଜ୍ୟରେ ଆଉ ୨୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୭୧୧ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭ ଜଣଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷରେ କଟକ ଓ ସୁନ୍ଦରଗଡ଼ ଜିଲ୍ଲାର ୩ ଜଣ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ଏଣେ କେନ୍ଦୁଝର ଜିଲ୍ଲାର ଦୁଇ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। ବାଲେଶ୍ୱର, ଜଗତସିଂହପୁର, ଗଞ୍ଜାମ, ସୋନପୁର, ନୟାଗଡ଼, ନବରଙ୍ଗପୁର ଓ ବୌଦ୍ଧ ଜିଲ୍ଲାର ଜଣେ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

# ଲତା ମଂଗେଶକରଙ୍କର ସ୍ୱାସ୍ଥ୍ୟ ପୁଣି ବିଗିଡିଲା



ମୁମ୍ବାଇ,୦୫/୦୨ (ନି.ପ୍ର): ସ୍ୱର ସାମ୍ରାଜ୍ଞୀ ଲତା ମଂଗେଶକରଙ୍କର ସ୍ୱାସ୍ଥ୍ୟ ପୁଣି ବିଗିଡି ଯାଇଛି ଏବଂ ତାଙ୍କୁ ଅଉଥରେ ଭେଂଟିଲେଟରରେ ରଖା ଜାଇଛି। କରୋନା ସଂକ୍ରମିତ ହେବା ପରେ ଲତା ମଂଗେଶକର ୮ ଜାନୁଆରିରେ ମୁମ୍ବାଇର ବ୍ରିଚ କେଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ପରେ ସେ କରୋନାରୁ ଆରୋଗ୍ୟ ହୋଇଯାଇଥିଲେ। ତାଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ହୋଇଥିଲା । କିନ୍ତୁ ହଠାତ ତାଙ୍କର ଦେହ ଆଉଥରେ ଅତ୍ୟନ୍ତ ବିଗିଡି ଯାଇଛି । ସୂଚନା ନେବାରୁ ଜଣା ପଡିଛି ଯେ ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା ଦେଖି ଡାକ୍ତର ମାନେ ତାଙ୍କୁ ପୁଣି ଭେଂଟିଲେଟରରେ ଭର୍ତ୍ତି କରିଦେଇଛନ୍ତି। ୯୨ ବର୍ଷୀୟ ଲତା ମଂଗେଶକର ନିମୋନିଆ ସହିତ ବୟସ ଜନିତ କିଛି ସମସ୍ୟାରେ ଜଡିତ ରହୁଛନ୍ତି । ଲତା ମଂଗେଶକରଙ୍କ ସ୍ୱାସ୍ଥ୍ୟ ବିଗିଡିବା କଥା ପ୍ରଘଟ ହେବା ପରେ ଦେଶ ବିଦେଶରୁ ତାଙ୍କର ଆରୋଗ୍ୟ କାମନାର ବାର୍ତ୍ତାର ସୁଅ ଛୁଟିଛି । ଉଲ୍ଲେଖନୀୟ ଯେ ଲତା ମଂଗେଶକର ତାଙ୍କର ୭୦ ଦଶକରୁ ଗୀତ ଗାଇ ଆଜିଯାଏଁ ୩୦ ହଜାରରୁ ଅଧିକ ଗୀତ ଗାଇଛନ୍ତି । ୧୯୮୯ରେ ସେ ଫିଲ୍ମି ଦୁନିଆର ସବୁଠାରୁ ବଡ ସମ୍ମାନ ଦାଦା ସାହେବ ଫାଲକେ ଆୱାର୍ଡରେ ସମ୍ମାନିତ ହୋଇଥିଲେ ।

# ଓଡ଼ିଶାର କୋଭିଡ୍ ମୃତ୍ୟୁ ତଥ୍ୟକୁ ନେଇ ବିଭ୍ରାନ୍ତି

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ଓଡ଼ିଶାରେ କୋଭିଡଜନିତ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ତଥ୍ୟ ଦେବା ଏବେ ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ୍ ପରେ ରାଜ୍ୟ ସରକାରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କୋଭିଡ୍ ମୃତ୍ୟୁ ପାଇଁ କ୍ଷତିପୂରଣ ସଂକ୍ରାନ୍ତ ଦାବିକୁ ରାଜ୍ୟଗୁଡ଼ିକ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିବାବେଳେ ଓଡ଼ିଶାରେ କୋଭିଡଜନିତ ମୃତ୍ୟୁର ଶିକାର ହୋଇଥିବା ଲୋକଙ୍କୁ ଖୋଜିବାକୁ ପ୍ରଶାସନ ଏବେ ବଂଚିବା ଲୋକଙ୍କ ସମ୍ପର୍କୀୟଙ୍କୁ ବି ଫୋନ୍ କରି ମୃତ୍ୟୁକାଳୀନ ସହାୟତା ନେବାକୁ ପରାମର୍ଶ ଦେବାକୁ ପଛାଉ ନଥିବା ଜଣାପଡ଼ିଛି। କୋଭିଡ୍ ସଂକ୍ରମିତଙ୍କ ବାସ୍ତବ ତଥ୍ୟ ନରଖିବା କାରଣରୁ କୋଭିଡ୍ ମୃତ୍ୟୁର ଶିକାର ହୋଇଥିବା ପରିବାରକୁ ଖୋଜିବା ପରୋକ୍ଷରେ ରାଜ୍ୟ ସରକାରଙ୍କ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ପାଲଟି ଥିବାବେଳେ ରାଜ୍ୟ ଆଇନସେବା ପ୍ରାଧିକରଣର ସହଯୋଗ ନେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଫେବୃୟାରୀ ୪ ତାରିଖ ସୁଦ୍ଧା ଓଡ଼ିଶା ସରକାରଙ୍କ କୋଭିଡ୍ ପୋର୍ଟାଲରେ କୋଭିଡଜନିତ ମୃତ୍ୟୁ ସଂଖ୍ୟା ୮୬୮୯ ଥିବାବେଳେ ରାଜ୍ୟ ସରକାର ଗତକାଲି ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିପୋର୍ଟରେ ୧୦,୬୨୧ଜଣ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କୋଭିଡ୍ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ଏହାସହିତ ଆଉ ୩୦୧୭ଟି ଆବେଦନର ଆକଳନ କରାଯାଇ ସେଥିରୁ ୧୫୩୮ଟି ଆବେଦନକୁ ଅନୁମୋଦନ କରାଯାଇଥିବା ସୁପ୍ରିମକୋର୍ଟଙ୍କୁ ରାଜ୍ୟ ସରକାର ଜଣାଇଛନ୍ତି। ଅର୍ଥାତ୍ ଓଡ଼ିଶାରେ କୋଭିଡଜନିତ ମୃତ୍ୟୁ ସଂଖ୍ୟା ୧୩,୬୩୮ଜଣ ବୋଲି ସୁପ୍ରିମକୋର୍ଟଙ୍କ ପାଖରେ ସ୍ୱୀକାର କରିଥିବା ରାଜ୍ୟ ସରକାର ନିଜ କୋଭିଡ୍ ପୋର୍ଟାଲରେ ଏହି ସଂଖ୍ୟାକୁ ୮୬୮୯ଜଣ ବୋଲି ଦର୍ଶାଯାଇଛି। ତେବେ ମୃତ୍ୟୁ ସଂଖ୍ୟାରେ ଏଭଳି ଅସଙ୍ଗତି କାହିଁକି ହୋଇଛି ତାକୁ ନେଇ ରାଜ୍ୟ ସରକାର ଏପର୍ଯ୍ୟନ୍ତ ନିରବ ରହିଛନ୍ତି । ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା କୋଭିଡଜନିତ ମୃତ୍ୟୁ ଓ ସେମାନଙ୍କ ମେଡିକାଲ ସାର୍ଟିଫିକେଟ୍ ନିର୍ଦ୍ଧାରଣ କରାଯାଉଥିବାରୁ କରୋନାରେ ନିଜର ସମ୍ପର୍କୀୟଙ୍କୁ ହରାଇଥିବା ଆବେଦନକାରୀଙ୍କୁ ଏହି ଟେକନିକାଲ କାରଣରୁ ଅନୁକମ୍ପାମୂଳକ ସହାୟତାରୁ ବଂଚିତ ହେବାକୁ ପଡ଼ିଛି। ▶▶ପୃଷ୍ଠା ୭

# ନୂଆବର୍ଷ ଆରମ୍ଭରୁ ବିଦ୍ୟୁତ ଝଟ୍‌କା ଦେଲା ଗ୍ରିଡକୋ

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ବର୍ଦ୍ଧିତ ବିଜ

# ୫ ବାଲ୍ୟ ବିବାହ ଅଟକିଲା

ନୂଆପଡା,୫/୨ (ନି.ପ୍ର): ନୂଆପଡା ଜିଲ୍ଲା ସ୍ଥିତ କୋମନା ବ୍ଲକ ଅନ୍ତର୍ଗତ କୋମନା, ଭେଲା, ତରବୋଡ, ସମରଶୀଙ୍ଗ ଓ ଲଖନା ଗ୍ରାମ ଫଂଚାୟତ ରେ ଏକ ୧୮ ବର୍ଷ ପୁରିନଥିବା ପୁଅ ଓ ଝିଅ ର ବାଲ୍ୟ ବିବାହ କୁ ଅଟକାଇଲା ଚାଇଲ୍ଡ ଲାଇନ ଓ ଜିଲ୍ଲା ପ୍ରଶାସନ । କୋମନା, ଭେଲା, ତରବୋଡ, ସମରଶୀଙ୍ଗ ଓ ଲଖନା ଗ୍ରାମ ପଞ୍ଚାୟତ ଚଳିତ ଫେବୃଆରୀ ମାସରେ ରେ ବିବାହ ହେବାକୁ ଯାଉଥିଲା, କିନ୍ତୁ ଝିଅ ଓ ପୁଅ ର ବୟସ ହୋଇନଥିବା ଯୋଗୁ ଚାଇଲ୍ଡଲାଇନର ସଚେତନତା କାର୍ଯ୍ୟ କର୍ମ ମାଧମରେ ଜାଣିବାକୁ ପାଇଲେ ଯେ ଝିଅ ଓ ପୁଅ ମାନଙ୍କ ର ବୟସ ୧୮ ବର୍ଷ ରୁ କମ୍ । କୋମନା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ଚାଇଲ୍ଡଲାଇନ ର ମିଳିତ ଆନୁକୁଲ୍ୟ ରେ ବିବାହ ହେବାକୁ ଥିବା ଝିଅ ଓ ପୁଅ ଘରକୁ ଯାଇ ନୂଆପଡା ଚାଇଲ୍ଡ ଲାଇନ ଏବଂ କୋମନା ସମନିତ ଶିଶୁ ବିକାଶ ପ୍ରକଳ୍ପ ଓ ଏଡେଡ ଆକ୍ସନ ଭଦ୍ର ବ୍ୟକ୍ତି, ଅଙ୍ଗନବାଡି କର୍ମୀ ଙ୍କ ଉପସ୍ଥିତି ରେ ବିବାହ ହେବାକୁ ଥିବା ଝିଅ ଓ ପୁଅ ଘର ର ଘର ପ୍ରାଙ୍ଗଣରେ ବସି ଭଦ୍ରବ୍ୟକ୍ତି ଙ୍କ ଉପସ୍ଥିତ ରେ ପରିବାର ଙ୍କୁ ବାଲ୍ୟ ବିବାହ ଆଇନ , ବାଲ୍ୟ ବିବାହ ର ଭୟା ଭୟ ପରିଣିତି, ବାଲ୍ୟ ବିବାହ ର କୁ ପରିଣାମ ଉପରେ ଆଲୋଚନା କରି ଉକ୍ତ ପରିବାରଙ୍କୁ ସଚେତନ କରଯାଇଥିଲା । ସଚେତନ କଲାପରେ ଚୁକ୍ତିନାମା ରେ ସ୍ୱାକ୍ଷର କରାଇବା ସହ ବାହାଘର କୁ ଅଟକାଯାଇଥିଲା । ଉକ୍ତ ନାବାଳିକା ଓ ବାଳକଙ୍କ ର କୌଣସି ଯତ୍ନ ସୁରକ୍ଷା ରେ ଅବହେଳା ନ କରନ୍ତି ସେଥିପାଇଁ ମଧ ପରିବାର ଲୋକ ଙ୍କୁ ସଚେତନ କରାଯାଇଥିଲା । ଯେଉଁ ପର୍ଯ୍ୟନ୍ତ ଉକ୍ତ ନାବାଳିକାକୁ ୧୮ ବର୍ଷ ଓ ବାଳକକୁ ୨୧ ବର୍ଷ ନ ହୋଇଛି ସେ ପର୍ଯ୍ୟନ୍ତ ଉକ୍ତ ନାବାଳକ ଓ ନାବାଳିକାର ବିବାହ ନକରିବାକୁ ପୁଅ ଓ ଝିଅ ପକ୍ଷ ଲିଖିତ ଆକାର ରେ ଦେଇଛନ୍ତି । ଉକ୍ତ ନିସ୍ପତି ଅବମାନନା କଲେ ଆଇନ ଅନୁଯାଇ ଦଣ୍ଡ ବିଧାନ ପାଇ ମଧ ରାଜି ହୋଇଛନ୍ତି । ଉକ୍ତ ନାବାଳିକା ଓ ବାଳକଙ୍କୁ ଶିଶୁ ମଙ୍ଗଳ ସମିତିର ସଦସ୍ୟ ଙ୍କ ନିକଟରେ ଅନ୍ଲାଇନ ହଜାର କରାଯିବା ଦ୍ୱାରା ସେମାନଙ୍କୁ ମଧ ୨୦୦୬ ବାଲ୍ୟ ବିବାହ ଅଧିନିୟମ ଉପରେ ସଚେତନ କରିଥିଲେ । ବାଲ୍ୟ ବିବାହ ବନ୍ଦ କରିବାରେ ମୁଖ୍ୟ ଭୂମିକା ନୂଆପଡା ଚାଇଲ୍ଡ ଲାଇନ ଏବଂ କୋମନା ସମନିତ ଶିଶୁ ବିକାଶ ପ୍ରକଳ୍ପ ଶିଶୁ ମଙ୍ଗଳ ସମିତି ର ସଦସ୍ୟ ଓ ଏଡେଡ ଆକ୍ସନ ଭଦ୍ର ବ୍ୟକ୍ତି, ଅଙ୍ଗନୱାଡି କର୍ମୀ ଅଂଶ ଗ୍ରହଣ କରିଥିଲେ ।

# ଗୋପବଂଧୁ ଓ ରାଧାନାଥଙ୍କ ଦର୍ଶନାନୁଗାମୀ ସାମ୍ବାଦିକଙ୍କ ଜନ୍ମ ଦିନ ପାଳିତ

ଜଳେଶ୍ୱର ,୫/୨ (ନି.ପ୍ର): ଉତ୍ତର ବାଲେଶ୍ୱରର ସର୍ବ ବରିଷ୍ଠ ସାମ୍ବାଦିକ ତଥା ଗୋପବଂଧୁ ଓ ରାଧାନାଥଙ୍କ ଦର୍ଶନକୁ ବିଶ୍ୱାସ କରୁଥିବା ଜଣେ ଦରିଦ୍ରୀ, ଉଦାର, ମିଷ୍ଟଭାଷୀ, ସରଳ ମଣିଷଭାବେ ପରିଚିତ ବରିଷ୍ଠ ସାମ୍ବାଦିକ ଅବନୀ ଚନ୍ଦଙ୍କ ଜନ୍ମ ଦିନ ପାଳିଲେ ଜଳେଶ୍ୱରର ଅଗ୍ରଣୀ ଅନୁଷ୍ଠାନ । ପ୍ରଥମେ ୧୯୭୮ ମସିହାରେ ସାମ୍ବାଦିକତା କ୍ଷେତ୍ରରେ ପାଦ ଦେଇ ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ବସ୍ତା ଅଂଚଳରୁ ସାଇକେଲ ଯୋଗେ ବନ୍ୟା, ବାତ୍ୟା ଓ ଦୁର୍ଘଟଣାସ୍ଥାନ ମାନଙ୍କୁ ଖବର ସଂଗ୍ରହ କରି ଲୋକଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ ରଖିଥିବା ଅବନୀ ଚାନ୍ଦଙ୍କ ୬୬ତମ ଜନ୍ମ ଦିବସରେ ତାଙ୍କର ବହୁ ପ୍ରସଂଶକ, ଶୁଭେଚ୍ଛୁ ମାନେ ଦୀର୍ଘ, ନିରାମୟ ଜୀବନ କାମନା କରିଛନ୍ତି । ସେ ୪୪ ବର୍ଷ ଧରି ସମାଜ ଖବର କାଗଜରେ ନିରପେକ୍ଷ ଓ ସଚ୍ଚୋଟ ଭାବେ କାର୍ଯ୍ୟ କରି ସମଗ୍ର ଉତ୍ତର ଓଡିଶାରେ କ୍ଷାତି ଅର୍ଜନ କରିବା ସହିତ ୨୦୦୬ ମସିହାରେ କଟକସ୍ଥିତ ସମାଜ କାର୍ଯ୍ୟାଳୟରୁ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଛନ୍ତି । ସାମ୍ବାଦିକତା କ୍ଷେତ୍ରରେ ଭୀଷ୍ମଭାବେ ପରିଚିତ ସରଳ ନିରାଡାର ମଣିଷ ଭାବେ ବେସ୍ ସୁଖ୍ୟାତି ଅର୍ଜନ କରି ଥିବାରୁ ଆଜିର ଜନ୍ମ ଦିନ ଅବସରରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବିଧାୟକ ଅଶ୍ୱିନୀ ପାତ୍ର, ସମାଜର ପ୍ରବନ୍ଧକ ମଧୁସୂଦନ ଦାସ, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ବିପିନ ବିହାରୀ ବିଶ୍ୱାଳ, ଡ. ଶ୍ରୀକାନ୍ତ ଚରଣ ପାତ୍ର, ଡ. ବୁଦ୍ଧେଶ୍ୱର ପତି, ଶରତ ପରିଡା, ପ୍ରତୀପ ପ୍ରଧାନ, ରାମଚନ୍ଦ୍ର ଜେନା, ଅରୁଣ ବେଜ, ହରିନାରାୟଣ ରାଉତ, ସୁରେଶ ଚନ୍ଦ୍ର ବେହେରା, ସେକ୍ ହାସିରୁଦ୍ଦିନ ବକ୍ସ, ବସନ୍ତ ଭଂଜ, ସୁଦର୍ଶନ ଦାସ, ଅନନ୍ତ ମଲ୍ଲିକ, ଶାଶିକାନ୍ତ ପ୍ରଧାନ, ପ୍ରଭାସ ପରିଡ. ରାଜିବ ଭଂଜ, ହରେକୃଷ୍ଣ ବେହେରା, ଅଶୋକ ଦାସ, ସୁନିଲ ମନ୍ଲି, ସିତାଂଶୁ ଦାସ, ଶୁଭଙ୍କର ମହାପାତ୍ର, ସୌଭାଗ୍ୟ ଦାସ, ଡ. ହେମନ୍ତ ପ୍ରଧାନ, ସୁବ୍ରତ ଘୋଷାଲ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ଐଶାର୍ଯ୍ୟ କୁଳଲକ୍ଷ୍ମୀ, ରବିନ୍ଦ୍ର ପାତ୍ର, ଭୋପତି ଭୋଇ, ମଧୁସୂଦନ ଦାସ, ଗୌରଗୋପାଳ ସେନ୍, ଦୁର୍ଗାଶଂକର ଗିରି, ଚତୁର୍ଭୁଜ ଜେନା, ତରଙ୍ଗିନୀ ମିଶ୍ର, ଚନ୍ଦ୍ରମୋହନ ମହାପାତ୍ର, ଶ୍ରୀକୃଷ୍ଣ ଗୁପ୍ତା, ତାପସ ମିଶ୍ର, ପତିତ ପାବନ ପ୍ରଧାନ, ସୁଦର୍ଶନ ପଟ୍ଟନାୟକ, ସମିରନ୍ ପରିଡା, ରବିନାରାୟଣ ପାତ୍ର ପ୍ରମୁଖ ସହସ୍ରାଧିକ ବୁଦ୍ଧିଜିବୀମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ସଂଗଠନ ପକ୍ଷରୁ ସଂଧ୍ୟାରେ ଜନ୍ମଦିନ ପାଳନ କରାଯାଇଥିଲା ।

# ଏକ ଦକ୍ଷ ଜିଲ୍ଲା ପରିଷଦ ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ : ନରସିଂହ

ବଲାଙ୍ଗିର,୫/୨ (ନି.ପ୍ର): ଲୋକେ ଗତ ପାଞ୍ଚ ବର୍ଷ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପି ଦଳକୁ ବହୁ ପରିମାଣରେ ଭୋଟ ଦେଇ ବିଜୟୀ କରିଥିଲେ । ଆଶା କରିଥିଲେ ଆପଣଙ୍କ ଅଂଚଳର ବିକାଶ ହେବ । କିନ୍ତୁ ବିକାଶ ହେବା ତ ଦୁରର କଥା ବିଜେପି ଦଳର କୌଣସି ଜିଲ୍ଲା ପରିଷଦ ସଭ୍ୟ ବା ଅଧକ୍ଷ ତାଙ୍କ ଅଂଚଳର ଭୋଟଦାତା ମାନଙ୍କ ପାଖକୁ ଥରେ ମଧ ପହଞ୍ଚି ପାରିଲେ ନାହିଁ । ତେଣୁ ଯଦି ଅଂଚଳର ସର୍ବାଙ୍ଗୀନ ବିକାଶ ଚାହୁଁଛନ୍ତି ତାହେଲେ, ଏକ ଦକ୍ଷ ଜିଲ୍ଲା ପରିଷଦ ଗଠନ ପାଇଁ କଂଗ୍ରେସ ଦଳକୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରନ୍ତୁ ବୋଲି ଆଜି ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୋନ ନଂ. ୩୩ର କୁଶଙ୍ଗ, ପିପିଲି, ସୁଜିଆ, ବୁର୍ଡା, ମାଣ୍ଡିଆପଦର, ହିରାପୁର, ବାଦିବାହାଲ ଓ ଯୋଗିସୁର୍ଡା ଗ୍ରାମରେ କଂଗ୍ରେସ ପ୍ରାର୍ଥୀନୀଙ୍କ ପାଇଁ ଭୋଟ ପ୍ରଚାର ସମୟରେ କହିଛନ୍ତି ବଲଙ୍ଗିର ବିଧାୟକ ନରସିଂହ ମିଶ୍ର । ଘରକୁ ଘର ବୁଲି ଜୋନ ନଂ. ୩୩ର ପ୍ରାର୍ଥୀନୀ ଶ୍ରୀମତି ବେହେରାଙ୍କ ପାଇଁ ଭୋଟ ପ୍ରଚାର ପତ୍ର ବାଣ୍ଟିବା ସମୟରେ ସେ ଆହୁରି କହିଛନ୍ତି ଯେ, ପ୍ରତିଶୃତି ପରେ ପ୍ରତାରଣା ଦେବାରେ ଉଭୟ ବିଜେପି ଓ ବିଜେଡି ଦଳ ବେଶ ପାରଙ୍ଗମ । ନାରୀ ନିର୍ଯ୍ୟାତନା ହେଉ କି ଆଦିବାସୀ ଓ ପଛୁଆ ବର୍ଗଙ୍କୁ ନିର୍ବାଚନୀ ସଂରକ୍ଷଣରୁ ବାଦ ଦେବା ଘଟଣା ହେଉ ଏସମସ୍ତ ଘଟଣାରେ ବିଜେଡି ଦଳ ଓ ନବୀନ ସରକାର ଜନବିରୋଧୀ ବୋଲି ସାରା ରାଜ୍ୟରେ ପ୍ରମାଣିତ ହୋଇ ସାରିଛି । ଉଭୟ ବିଜେପି ଓ ବିଜେଡି ଦଳକୁ ଜନତା ଜନାର୍ଦ୍ଦନ ଏକ ସ୍ଥାୟୀ ସରକାର ପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ଯୋଗଇ ଥିଲେ । ସେ ଦୃଷ୍ଟିରୁ କେନ୍ଦ୍ରରେ ବିଜେପି ଗତ ସାତ ବର୍ଷ ହେବ ଗାଦିରେ ଥିବା ବେଳେ ରାଜ୍ୟରେ ବିଗତ ୨୦ ବର୍ଷ ହେବ ବଜେଡି ସରକାର ରହିଛି । କିନ୍ତୁ ଭୋଟ ଦେବାରେ ଜନତାଙ୍କ ପୁର୍ଣ୍ଣ ସହେଯାଗ ସତ୍ତ୍ୱେ ଉଭୟ ଦଳ ସେହି ଜନତାଙ୍କୁ ଦୁର୍ଦ୍ଦିନକୁ ଟାଣି ଆଣିଛନ୍ତି । ଚାଷୀକୁ ସଠିକ ଅମଳ ମୂଲ୍ୟ, ଛାତ୍ରଛାତ୍ରୀଙ୍କୁ ଉଚିତ ଶିକ୍ଷା, ଶିକ୍ଷିତଙ୍କୁ ରୋଜଗାର, ସମାଜରେ ସୁରକ୍ଷା, ଦରଦାମ ନିୟନ୍ତ୍ରଣ ଓ ଅସହାୟଙ୍କୁ ସହାୟ ହେବାରେ ଉଭୟେ ସଂପୁର୍ଣ୍ଣ ଫେଲ ମାରିଥିବା ସ୍ପଷ୍ଟ ହୋଇଛି । ଜନତାଙ୍କ ଏହି ଦୁର୍ଦ୍ଦଶାଜନକ ସ୍ଥିତି ପାଇଁ ଲୋକେ ଏଥର ପୁଣି କଂଗ୍ରେସ ଉପରେ ନିଜର ଅସ୍ଥା ପ୍ରକଟ କରୁଛନ୍ତି । ତେଣୁ ଆପଣମାନଙ୍କୁ ଅନୁରୋଧ ଏଥର ଭୋଟ ସମସୟରେ ଆଉ ଏହି ବିଜେପି, ବିଜେଡିର ଠକେଇରେ ନପଡି କଂଗ୍ରେସ ଦଳର ହାତ ଚିହ୍ନରେ ଭୋଟ ଦେବା ପାଇଁ ବିଧାୟକ ଶ୍ରୀ ମିଶ୍ର ଜନସାଧାରଣଙ୍କୁ ସଚେତନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ର ଓ ଜୋନ ନଂ. ୩୩ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ତନୟା ବେହେରାଙ୍କ ବ୍ୟତିତ କଂଗ୍ରେସର ଜିଲ୍ଲା ସଭାପତି ଦିଲିପ ବେହେରା, ଟଙ୍କଧର ଗଡତିଆ, ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ ଓ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ଅଂଚଳରେ ଶାନ୍ତି ପୂର୍ଣ୍ଣ ସହକାରେ ନିର୍ବାଚନ କରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା

ମାଲକାନଗିରି,୫/୨ (ନି.ପ୍ର): ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳରେ କିପରି ସୁରୁଖୁରୁରେ ନିର୍ବାଚନ ହେଇପାରିବ ସେଥିପାଇଁ ସ୍ୱାଭିମାନ ଅଂଚଳକୁ ପ୍ରଶାସନିକ ଅଧିକାରୀ ଙ୍କ ଘନ ଘନ ଗ୍ରସ୍ତ । ୨୦୧୭ ମସିହାରେ ମାଓବାଦୀ ପ୍ରଭାବ ଯୋଗୁ ସ୍ୱାଭିମାନ ଅଂଚଳ ସମେତ ଚିତ୍ରକୋଣ୍ଡା ବ୍ଲକର କୌଣସି ଜାଗାରେ ବି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ହୋଇପାରିନଥିଲା । ଚଳିତ ବର୍ଷ କିପରି ସ୍ୱାଭିମାନ ଅଂଚଳ ସମେତ ଚିତ୍ରକୋଣ୍ଡା ବ୍ଲକରେ କିପରିଭାବରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସୁରୁଖୁରରେ ହୋଇପାରିବ ସେଥିପାଇଁ ପ୍ରଶାସନ ତତ୍ପରତା ଦେଖାଇଛି । ଆଜି ସ୍ୱାଭିମାନ ଅଂଚଳ ଗସ୍ତରେ ମାଲକାନଗିରି ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୁଁୟା, ଉପ - ଜିଲ୍ଲାପାଳ ଅକ୍ଷୟ ଖେମୁଢୁ,ଚିତ୍ରକୋଣ୍ଡା ଏସଡ଼ିପିଓ ଅଂଶୁମାନ ଦୀଓ୍ୱେଦି ସ୍ୱାଭିମାନ ଅଂଚଳର ବିଭିନ୍ନ ଗାଁ ଗ୍ରସ୍ତକରି କିପରି ଭାବରେ ପଂଚାୟତ ନିର୍ବାଚନ ସୁରୁଖୁରରେ ହୋଇପାରିବ ସେନେଇ ସ୍ୱାଭିମାନ ଅଂଚଳର ପଣସପୁଟ,ଯନ୍ତ୍ରୀ, ଘନବେଡା, ଯୋଡାମ୍ବ, ଧୂଳିପୁଟ, ରାଲେଗଡ଼ା ପ୍ରଭୁତି ପଂଚାୟତର ମତଦାନ କେନ୍ଦ୍ର ଗୁଡ଼ିକ ଗ୍ରସ୍ତ କରିଥିଲେ ଏହାପରେ ଚିତ୍ରକୋଣ୍ଡା ବ୍ଲକରେ ଚିତ୍ରକୋଣ୍ଡା ବିଡିଓ ରାହୁଲ ମଣ୍ଡଳ ଙ୍କ ସହ ପରିସ୍ଥିତିର ସମୀକ୍ଷା କରିଥିଲେ । ଉପ ଜିଲ୍ଲାପାଳ ଅକ୍ଷୟ ଖେମୁଢୁ କହିବା ଅନୁସାରେ ସ୍ୱାଭିମାନ ଅଂଚଳର ଆଇନ ଶୃଙ୍ଖଳା ବ୍ୟବସ୍ଥା ନିୟନ୍ତ୍ରଣଧିନ ଥିବାବେଳେ ଆଗାମୀ ଦିନରେ ନିର୍ବାଚନକୁ ନେଇ ଯେକୌଣସି ସମସ୍ୟା ଉପଯିଲେ ସମାଧାନ କରିବାପାଇଁ ପ୍ରଶାସନ ସଜାଗ ରହିଛି ।

# ଆର୍ତ୍ତୁଙ୍ଗ ପଂଚାୟତରେ ନିର୍ବାଚନ ପ୍ରଚାର କଲେ ସୁବାସ, ବୁଲୁ ଓ ନମିତା

ବାସୁଦେବପୁର,୫/୨ (ନି.ପ୍ର): ବାସୁଦେବପୁର ବ୍ଲକ ର ଆର୍ତ୍ତୁଙ୍ଗ ପଂଚାୟତରେ ଚଳିତ ତ୍ରିସ୍ତରୀୟ ନିର୍ବାଚନ ରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ ଲଂଗଲ ଚିହ୍ନରେ ନିର୍ବାଚନ ପ୍ରଚାର କରୁଛନ୍ତି । ଏଥିସହିତ ସମିତି ସଭ୍ୟ ପ୍ରାର୍ଥୀ ବୁଲୁ ବିନ୍ଧାଣି ବସ ଚିହ୍ନ ରେ ପ୍ରଚାର କରି ତାଙ୍କର କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି । ସେହିପରି ୧୯ ନମ୍ବର ଜୋନ ର ଜାତୀୟ କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥୀ ନମିତା ନାୟକ ଘରକୁ ଘର ବୁଲି ଲୋକଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଇ ଥିଲେ ଓ ଭୋଟ ଭିକ୍ଷା କରିଥିଲେ । ନମିତା ଙ୍କ ସ୍ୱାମୀ ସତ୍ୟ ସୁନ୍ଦର ରାଉତ ଓ ଅନ୍ୟ କର୍ମୀ ବନ୍ଧୁ ପ୍ରଚାର ରେ ସହଯୋଗ କରିଥିଲେ ।

# ନିର୍ବାଚନ ପାଇଁ ବଲାଙ୍ଗିର ମାଷ୍ଟର ଟ୍ରେନରମାନଙ୍କର ତାଲିମ ଅନୁଷ୍ଠିତ

ବଲାଙ୍ଗିର ,୫/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବ୍ଲକ ସ୍ତରରେ ପ୍ରିଜାଇଡିଂ ଅଫିସର ପୋଲିଂ ଅଫିସର ଭୋଟ ଗଣନା କାର୍ଯ୍ୟରେ ନିୟୋଜିତ ଗଣନା ଅଧିକାରୀ ମାନଙ୍କୁ ବ୍ଲକ ସ୍ତରରେ ତାଲିମ୍ ଦେବାପାଇଁ ମାଷ୍ଟର ଟ୍ରେନର ମାନଙ୍କର ଏକ ତାଲିମ କାର୍ଯ୍ୟକ୍ରମ ବଲାଙ୍ଗିର ଜିଲାପାଳ ଚଂଚଲ୍ ରାଣାଙ୍କ ଅଧକ୍ଷତାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଆରକ୍ଷୀ ଅଧିକ୍ଷକ ନୀତିନ୍ କୁଶଳକର ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ପି ଡି ସୁଶାନ୍ତ କୁମାର ସିଂ, ଅତିରିକ୍ତ ଏସ୍ ପି ଦିଲିପ କୁମାର ପଟେଲ, ଟିଟିଲାଗଡ଼ ଉପ ଜିଲାପାଳ ମନୋଜ ସତ୍ୟବାନ, ବଲାଙ୍ଗିର ଉପ ଜିଲାପାଳ ଲମ୍ବୋଧର ଧରୁଆ , ପାଟଣାଗଡ଼ ଉପ ଜିଲ୍ଲାପାଳ ଡ ବିଜୟା ନନ୍ଦ ସେଠି, ଜିଲ୍ଲା ପଂଚାୟତ ଅଧିକାରୀ ପ୍ରଶାନ୍ତ କୁମାର ସତନାମୀ ଙ୍କ ସମେତ ଜିଲ୍ଲା ର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ଉପଖଣ୍ଡ ପୋଲିସ ଅଧିକାରୀ, ସମସ୍ତ ଥାନାର ଅଧିକାରୀ ନିର୍ବାଚନ ସହିତ ସମ୍ପୃକ୍ତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ରେ ତ୍ରିସ୍ତରୀୟ ନିର୍ବାଚନ କୁ ମୁକ୍ତ ଅବାଧ ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହିତ କରିବା ଦିଗରେ ନିର୍ବାଚନ ଅଧିକାରୀ ସେକ୍ଟର ଅଧିକାରୀ ପ୍ରିଜାଇଡିଂ ଅଧିକାରୀ, ପୋଲିଂ ଅଫିସର ନିର୍ବାଚନରେ ସମ୍ପୃକ୍ତ ପୋଲିସ ଅଧିକାରୀ , ଓ ଅନ୍ୟ ଅଧିକାରୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ତେଣୁ ସେମାନେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ପଂଚାୟତ ନିର୍ବାଚନ କୁ ଶାନ୍ତି ଶୃଙ୍ଖଳାର ସହିତ କରିବା ଦିଗରେ ପୋଲିସ ଓ ମାଜୀଷ୍ଟେଟ ମାନଙ୍କ ମଧରେ ଉତ୍ତମ ସମନ୍ୱୟ ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ପି ଡି ଡି ଆର୍ ଡି ଏ ଡ. ଗୁଣନିଧି ନାଏକ ମାଷ୍ଟର ଟ୍ରେନର ଓ ନିର୍ବାଚନରେ ସମ୍ପୃକ୍ତ ଅନ୍ୟ ଅଧିକାରୀ ମାନଙ୍କୁ ନିର୍ବାଚନ ପରିଚାଳନା ଭୋଟ ଗଣନା ସମ୍ପର୍କରେ ନିର୍ବାଚନ କମିଶନ ଦ୍ୱାରା ପ୍ରଦତ୍ତ ନିୟମାବଳୀ ନିର୍ବାଚନ ପରିଚାଳନା ରେ ପ୍ରିଜାଇଡିଂ ଅଫିସର ପୋଲିଂ ଅଫିସର, ସେକ୍ଟର ଅଫିସର, କାଉଂଟିଗ ସୁପରଭାଇଜର , କାଉଂଟି ଆସିଷ୍ଟାଂଟ ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ଭୋଟ ଗ୍ରହଣ କେନ୍ଦ୍ର ପ୍ରସ୍ତୁତି, ଭୋଟ ଗଣତି କେନ୍ଦ୍ର ପ୍ରସ୍ତୁତି, ପୋଲିଂ କାର୍ଯ୍ୟ ରେ ନିୟୋଜିତ କର୍ମଚାରୀ ଙ୍କୁ ଭୋଟ ଗ୍ରହଣ କେନ୍ଦ୍ର କୁ ପଠାଇବା ସକାସେ ସାମଗ୍ରୀ ବଂଟନ ବ୍ୟବସ୍ଥା, ଭୋଟ ଗ୍ରହଣ ଦିନ ନିର୍ବାଚନ ପରିଚାଳନା, ସେକ୍ଟର ଅଫିସର ଙ୍କ ଦାୟିତ୍ୱ ତଥା ନିର୍ବାଚନ ସଙ୍କ୍ରାନ୍ତୀୟ ଅନ୍ୟ ଆନୁସାଙ୍ଗୀକ ବ୍ୟବସ୍ଥା ସମ୍ପର୍କରେ ପାୱାର ପଏଂଟ ମାଧମରେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଘୋଷଣା କାର୍ଯ୍ୟସୂଚୀ ଅନୁଯାୟୀ ବଲାଙ୍ଗିର ଜିଲାରେ ୧୬ ,୧୮, ୨୦, ୨୨ ଓ ୨୪ ତାରିଖରେ ବିଭିନ୍ନ ୫ ଗୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଏହି ତାଲିମ୍ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲାପାଳ ଶ୍ରୀ ଲାଗୁରୀ ପ୍ରାଥମିକ ସୂଚନା ଦେବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱଚ୍ଛ ଭାରତ ସାନିଟାଇଜିଙ୍ଗ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ

ପାରାଦୀପ ,୫/୨ (ନି.ପ୍ର): ପାରାଦ୍ୱୀପ ରୋଟାରୀ କ୍ଲବ ଓ ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ମିଳିତ ଭାବେ ଏକ ସ୍ୱଚ୍ଛ ଭାରତ ଓ ସାନୀଟାଜ଼ୀଙ୍ଗ କାର୍ଯ୍ୟକ୍ରମ ପାରାଦ୍ୱୀପ ବଡ଼ପଡିୟାଠାରେ ଅନୁଷ୍ଠିତ ହୋଇଯାଇଛି ।ପାରାଦ୍ୱୀପ ମୁଖ୍ୟ ବଜ଼ାର, ମେଡ଼ିକାଲ ସମୂଖ, ଦୁର୍ଗା ମଣ୍ଡପ ପାଶ୍ୱବର୍ତୀ ବିଭିନ୍ନ ଦୋକାନ ଓ ମନ୍ଦିର ପ୍ରାଙ୍ଗଣଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ଅଳିଆ ଆବର୍ଜନା ସଫା କରିବା ସହିତ ବିଲଚିଂ ମାରି ଓ ପରେ ରାସାୟନିକ ସ୍ପ୍ରେ କରି ସନୀତିଜ଼ୀଙ୍ଗ କରାଯାଏଇଛି । ଏହି ଅଭିଯାନରେ ପାରାଦ୍ୱୀପ ମ୍ୟୁନିସିପାଲିଟି ପୂର୍ବତନ ଅଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ରୋଟାରୀ କ୍ଲବର ବରିଷ୍ଠ ରୋଟାରୀୟନ ତଥା ପାରାଦ୍ୱୀପ ବନ୍ଦର ଡ଼ସି କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, କୈଳାସ ମହାରଣା ଆବାସ ଚନ୍ଦ୍ର ଚୌଧୁରୀ, ଅଧାପକ ଅକ୍ଷୟ ମିଶ୍ର ପ୍ରଶାନ୍ତ ମହାପାତ୍ର, ରବୀନ୍ଦ୍ର ବାରିକ ଓ ଆଦର୍ଶ ପ୍ରୟାସ ସଭାପତି ଅମୀୟ ପ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଫେବୃଆରୀ, ୨୦୨୨
email :
rabibarachayan2015@gmail.com

# ରବିବାର ଚୟନ



.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା

ଭାଗ-୬୧
(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଜାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ବଣେଇକୁ ଫେରିଆସି ମୁଁ ଚାରିମାସ ଛୁଟି ସକାଶେ ଦରଖାସ୍ତ କଲି । ଛୁଟି ମଞ୍ଜୁର ହେଲା । ଚାଇଁବାସାରେ ରହୁଥିବା ଷଢ଼େଇକଳାବାସୀ ଶ୍ରୀ ଯୁଗଳକିଶୋର ତ୍ରିପାଠୀ ମୋ କାର୍ଯ୍ୟରେ ନିଯୁକ୍ତ ହୋଇ ଆସିଲେ । କେତେକ ବର୍ଷ ପୂର୍ବେ ସେ କଳାହାଣ୍ଡି ଓ ପାଟଣାରେ ଦେଓ୍ୱାନି କରି ସେତେବେଳେ ଉକ୍ତ କାର୍ଯ୍ୟ ତ୍ୟାଗକରି ବସି ରହିଥିଲେ । ମୁଁ ୧୯୨୭ ମସିହା ଅଗଷ୍ଟ ୨୪ ତାରିଖରେ ବଣେଇ ତ୍ୟାଗକରି ଆସିଲି ।

ମୁଁ ବଣେଇରେ ଥିବା ସମୟ ମଧ୍ୟରେ ୧୯୨୫ ମସିହା ମଇ ମାସ ୨୫ ତାରିଖରେ ଆଗଲପୁରରେ ମୋ ପିତାଙ୍କ ୯୫ ବର୍ଷ ବୟସରେ ପରଲୋକ ପ୍ରାପ୍ତି ହୋଇଥିଲା । ସେହିବର୍ଷ ନଭେମ୍ବର ୧୩ ତାରିଖରେ ମୋର ଅଷ୍ଟମକନ୍ୟା ଉମାର ଓ ୧୯୨୬ ମସିହା ଡିସେମ୍ବର ୨୪ ତାରିଖରେ ସ୍ୱର୍ଗତ ତୃତୀୟ ପୁତ୍ର ବିଷ୍ଣୁଗୋପାଳର ଜନ୍ମ ହୋଇଥିଲା ।

### ବଣେଇ ତ୍ୟାଗ ପରେ

ବଣେଇରୁ ଆସିବା ସପ୍ତାହକ ମଧ୍ୟରେ ପୋଲିଟିକେଲ୍ ଏଜେଣ୍ଟଙ୍କ ଦପ୍ତରରୁ ଗୋଟିଏ ଚିଠି ପାଇଲି । ତହିଁରେ ବିହାର ଓ ଓଡ଼ିଶା ଗଭର୍ଣ୍ଣରଙ୍କର, ମୋର ନିମ୍ନଲିଖିତ ଦୋଷଯୋଗୁଁ ମୁଁ ମୋର ଛୁଟି ଶେଷରେ ସବ୍‌ଡେପୁଟି କଲେକ୍ଟର ପଦକୁ ଖସି ମୋର କାର୍ଯ୍ୟରେ ଯୋଗଦେବାପାଇଁ ହୁକୁମ ଲେଖାଥିଲା-

(୧) ବଣେଇ ରାଜ୍ୟର ଶାସନ ମୋ ପକ୍ଷରେ ଅତ୍ୟନ୍ତ କଷ୍ଟକର ହୋଇଥିଲା ବୋଲି ଗଭର୍ଣ୍ଣର ସ୍ୱୀକାର କରନ୍ତି । ତାହାହେଲେ ହେଁ ମୁଁ ଦେଓ୍ୱାନ ପଦରେ ନିଯୁକ୍ତ ହୋଇ ରହିଥିବା ସମୟ ମଧ୍ୟରେ ରାଜାଙ୍କ ସଙ୍ଗେ ସଦ୍‌ଭାବ ରକ୍ଷା କରିନଥିଲି ।

(୨) ଗୋଟିଏ ମୋକଦ୍ଦମାରେ ଅପରାଧର ଗୁରୁତ୍ୱ ବିବେଚନାରେ ଲଘୁଦଣ୍ଡ ଦେଇଥିଲି ।

(୩) ଆଉ ଗୋଟିଏ ମୋକଦ୍ଦମାରେ ରାଜାଙ୍କ ପକ୍ଷରେ ଜଣେ ଲୋକ ଉପରେ ସମନ ପରିବର୍ତ୍ତରେ ୱାରେଣ୍ଟ୍ ଜାରିକରି ତାକୁ ଜେଲ୍ ହାଜତ୍‌ରେ ରଖିଥିଲି ।

(୪) କୁକୁଡ଼ା ଲଢ଼େଇ ବନ୍ଦ କରିଥିଲି ।

(୫) ପୋଲିଟିକେଲ୍ ଏଜେଣ୍ଟଙ୍କ ହୁକୁମ ନନେଇ ବଣେଇ ଷ୍ଟେଟ୍‌ର ଜଙ୍ଗଲ ଶାସନର ନିୟମମାନ ରଚନା କରିଥିଲି ଓ ସେସବୁ ଏତେ କଠୋର ଭାବରେ ପ୍ରୟୋଗ କରିଥିଲି ଯେ ବଣେଇ ପ୍ରଜାଙ୍କଦ୍ୱାରା ବିଦ୍ରୋହର ସମ୍ଭାବନା ଉପସ୍ଥାପିତ ହୋଇଥିଲା ।

ଏ ଯେ ବଜ୍ରାଘାତ; ସବ୍‌ଡେପୁଟି ଇତିହାସରେ ଏହା ବୋଧହୁଏ ସର୍ବପ୍ରଥମ ଦୃଷ୍ଟାନ୍ତ ! ଗୁରୁତର କିଛି ଗୋଟାଏ ମୋ ବିରୁଦ୍ଧରେ ସଂଘଟିତ ହେଉଥିବା ଆଶଙ୍କା କରି ମୁଁ ଅନେକ କାଗଜପତ୍ର ସଂଗ୍ରହ କରି ବଣେଇରୁ ଆଣିଥିଲି । ମୋ' ପ୍ରତି ଦଣ୍ଡାଦେଶର କାରଣଗୁଡ଼ିକ ଯେ ନିତାନ୍ତ ଅମୂଳକ ଏହା ସ୍ପଷ୍ଟ ଭାବରେ ମୋତେ ଦିଶିଯାଉଥିଲା ।

ଫିଲିପ୍ ସାହେବଙ୍କଠାରୁ ତାଙ୍କ ସହିତ ସାକ୍ଷାତ ସକାଶେ ଗୋଟିଏ ପତ୍ର ଲେଖିଲି । ସେ ସାକ୍ଷାତର ଅନୁମତି ଦେଲେ । ନିର୍ଦ୍ଦିଷ୍ଟ ସମୟରେ ତାଙ୍କଠାରେ ଉପସ୍ଥିତ ହେଲି ଓ ଯେଉଁ କାରଣରୁ ମୋ ପ୍ରତି ଦଣ୍ଡବିଧାନ ହୋଇଥିଲା ସେ ବିଷୟରେ ଆଲୋଚନା ସକାଶେ ଅନୁମତି ପ୍ରାର୍ଥନା କଲି । ବାକ୍ୟାରମ୍ଭ କରିବା ପୂର୍ବେ ମୁଁ ତାଙ୍କୁ ସ୍ପଷ୍ଟ ଭାବରେ କହିଲି ଯେ, ମୁଁ ମୋର କର୍ତ୍ତବ୍ୟରେ ତ୍ରୁଟି କରି ତାଙ୍କ ଦୟା ଭିକ୍ଷା କରିବାକୁ ଆସିଅଛି ବୋଲି ଯେପରି ସେ ମନେ ନ କରନ୍ତି; ଯେହେତୁ ସରକାରୀ କାର୍ଯ୍ୟରେ ଅଥବା ଯେକୌଣସି ବିଭାଗରେ ହେଉ, କର୍ତ୍ତବ୍ୟ ପାଳନର ଅବହେଳାରେ ଦୟା ବା କ୍ଷମାର ସ୍ଥାନ ନାହିଁ, ମୋ ବକ୍ତବ୍ୟ ଅବହିତ ଚିତ୍ତରେ ଶୁଣିବାକୁ ପ୍ରାର୍ଥନା କଲି । ଅଭିଯୋଗଗୁଡ଼ିକର ପ୍ରଥମ ଦଫାରୁ ମୋର ବକ୍ତବ୍ୟ ଆରମ୍ଭ କଲି । ମୁଁ କହିଲି ଯେ, ମୋ ବିରୁଦ୍ଧରେ ଆରୋପିତ ହୋଇଥିବା ସମସ୍ତ ଅଭିଯୋଗ ଅମୂଳକ । ସାହେବ କହିଲେ, ଅମୂଳକ ବୋଲି ଯଦି ସେ ମୋର ଯୁକ୍ତିରୁ ଉପଲବ୍ଧି କରିନେବେ ତା'ହେଲେ ସେ ମୋ ବିରୁଦ୍ଧରେ ଯାହା କରିଛନ୍ତି ତାହା ନିଶ୍ଚୟ ଅନ୍ୟଥା କରିବେ । ମୁଁ କହିଲି, "ଆଶାକରେ ମୁଁ ମୋର ନିର୍ଦ୍ଦୋଷତା ପ୍ରମାଣ କରିପାରିବି; ଆପଣଙ୍କ ପ୍ରତିଶ୍ରୁତି ଆପଣ ପାଳନ କରିବେ ।" ଏଥର ଦେଖିଲି ତାଙ୍କ ବ୍ୟବହାର ଶାନ୍ତ, ଧୀର । ଅଭିଯୋଗର ପ୍ରଥମ ଦଫାରେ ଆରୋପିତ ରାଜାଙ୍କ ସହିତ ଅସଦ୍‌ଭାବ ସମ୍ବନ୍ଧରେ କହିଲି ଯେ, ରାଜା ତାଙ୍କ ନାବାଳକି ଅବସ୍ଥାରେ ୧୯୦୨ ମସିହାରେ ଗଦ୍ଦିନସିନ ହେଲାରୁ ବର୍ଷକ ମଧ୍ୟରେ ଚାରିଜଣ ଦେଓ୍ୱାନ ଆସି କେହି ଅମଲା ଓ ଡାକ୍ତରଙ୍କ ଷଡ଼ଯନ୍ତ୍ର ଜନିତ ପ୍ରାଣନାଶ ଭୟରେ, କେହି ସ୍ୱାସ୍ଥ୍ୟହାନି ଓ କେହି ଅନ୍ୟ କୌଣସି କାରଣରୁ ଚାଲିଯାଇଥିଲେ । ୧୯୦୩ରୁ ୧୯୧୩ ସାଲ ପର୍ଯ୍ୟନ୍ତ ରାଜା ରାଞ୍ଚିରେ ରହିଲେ ଓ ୧୯୧୩ ମସିହାରେ ସୀମିତ କ୍ଷମତାପ୍ରାପ୍ତ ହୋଇ ରାଜ୍ୟଶାସନ ଭାର ଗ୍ରହଣ କଲେ । କିନ୍ତୁ ସେହିଦିନଠାରୁ ୧୯୨୪ ସାଲରେ ମୁଁ ଦେଓ୍ୱାନ ପଦ ଗ୍ରହଣ କରି ଯିବା ପର୍ଯ୍ୟନ୍ତ, ସରକାରୀ କର୍ମଚାରୀମାନେ ନିଜ ନିଜ ପଦରେ ପ୍ରତିଷ୍ଠିତ ହୋଇଯାଇଥିଲେ । ଏହି ୧୨ ବର୍ଷ ମଧ୍ୟରେ ରାଜାଙ୍କ କ୍ଷମତା କ୍ରମେ କ୍ରମେ ହ୍ରାସ ହୋଇ ମୁଁ ଯିବା ସମୟରେ ସେ ଶାସନସମ୍ବନ୍ଧୀୟ ସମସ୍ତ କ୍ଷମତାଚ୍ୟୁତ ହେଲେ । ଏପରିକି ଜଣେ ନିମ୍ନଶ୍ରେଣୀୟ କର୍ମଚାରୀ ନିଯୁକ୍ତ କରିବା ବା କୌଣସି ବିଷୟରେ କାହାରିଠାରୁ ଦରଖାସ୍ତ ଗ୍ରହଣ କରିବା କ୍ଷମତା ସୁଦ୍ଧା ରହିଲା ନାହିଁ । ସମସ୍ତ କ୍ଷମତା ଦେଓ୍ୱାନଙ୍କ ହସ୍ତରେ ଅର୍ପିତ ହେଲା । ଦେଓ୍ୱାନ ହେଲେ ରାଜ୍ୟର ଶାସକ, ରାଜ୍ୟରେ ସର୍ବେସର୍ବା । ଆଉ ରାଜା ରାଜ୍ୟରେ ପ୍ରଜାଙ୍କ ଚକ୍ଷୁରେ ହୀନବୀର୍ଯ୍ୟ ହୋଇ ରହିଲେ । ଏହି ପରିସ୍ଥିତି ଯୋଗୁଁ ସେ ପ୍ରତିକ୍ରିୟା ସ୍ୱରୂପ ଦେଓ୍ୱାନଙ୍କ ତଥା ସରକାରଙ୍କ ଶାସନ ବିରୁଦ୍ଧରେ ଦଣ୍ଡାୟମାନ ହେବା ଅସ୍ୱାଭାବିକ ନୁହେଁ । ପ୍ରତ୍ୟେକ ଦେଓ୍ୱାନଙ୍କ ଅମଳରେ ତାଙ୍କର କିଛି ନା କିଛି କ୍ଷମତା ହ୍ରାସ ଦେଓ୍ୱାନଙ୍କ ସହିତ ଅସଦ୍‌ଭାବ ରକ୍ଷାର ପରିଚାୟକ । ଏ ପ୍ରସଙ୍ଗରେ ମୁଁ ଦୃଢ଼ଭାବରେ କହିଲି ଯେ, ରାଜା ଗାଦି ପାଇବା ଦିନଠାରୁ ନାନା କାରଣରେ ତାଙ୍କ କ୍ଷମତାଚ୍ୟୁତ କରି ରଖାହୋଇଥିବା ଓ ରାଜକାର୍ଯ୍ୟ ପରିଚାଳନା ସକାଶେ ତାଙ୍କ ଅଧୀନରେ ଜଣେ ଜଣେ ସରକାରୀ କର୍ମଚାରୀ ନିଯୁକ୍ତ କରାହୋଇଥିବା ଯୋଗୁଁ ସରକାରଙ୍କ ପ୍ରତି ରାଜାଙ୍କ ଅସନ୍ତୋଷ ଓ ଏହି ପରିସ୍ଥିତିରେ ଦେଓ୍ୱାନଙ୍କ ଦ୍ୱାରା ପରିଚାଳିତ ସରକାରଙ୍କ ଶାସନ ବିରୁଦ୍ଧରେ ପ୍ରତିକ୍ରିୟା ଯୋଗୁଁ ତାଙ୍କର ଯେତେ ଲଢ଼େଇ ତାହା ପ୍ରକୃତରେ ସରକାରଙ୍କ ବିରୁଦ୍ଧରେ, ଦେଓ୍ୱାନଙ୍କ ବିରୁଦ୍ଧରେ ନୁହେଁ । ଏଥିରେ ଦେଓ୍ୱାନ ନିମିତ୍ତ ମାତ୍ର । ମୋ ସହିତ ରାଜାଙ୍କର ଅସଦ୍‌ଭାବ ନଥିଲା । ସରକାରୀ କାର୍ଯ୍ୟ ବ୍ୟତୀତ ଆମ୍ଭମାନଙ୍କ ମଧ୍ୟରେ ଅନ୍ୟ ସମ୍ପର୍କ ମଧୁର ଥିଲା । ବାହାରକୁ କେବଳ ତିକ୍ତ ଦେଖାଯାଉଥିଲା

(୨), (୩) ଓ (୪) ଅଭିଯୋଗ ଗୁରୁତର ନୁହେଁ ବୋଲି କହିଲି । ଦୋଷୀ ପ୍ରତି ଗୁରୁ ବା ଲଘୁ ଦଣ୍ଡ ବିଧାନ ବିଚାରକଙ୍କ ସ୍ୱାଧୀନ ମତ ସାପେକ୍ଷ । ଆଇନ ଚକ୍ଷୁରେ ସୁଦ୍ଧା ଏହା ଅନୁମୋଦନୀୟ । ଉର୍ଦ୍ଧତନ ବିଚାରକଙ୍କ ସହିତ ନିମ୍ନତମ ବିଚାରକଙ୍କ ମତାନୈକ୍ୟ ତାଙ୍କ ପ୍ରତି ଦଣ୍ଡବିଧାନର କାରଣ ହୋଇନପାରେ । ଦଣ୍ଡବିଧି ଆଇନ୍‌ରେ ନିର୍ଦ୍ଦିଷ୍ଟ ଅପରାଧ ସକାଶେ ଚରମ ଦଣ୍ଡବିଧାନର ବ୍ୟବସ୍ଥା ଥିଲେ ମଧ୍ୟ ଅବସ୍ଥା ଭେଦରେ ତାହାରି ମଧ୍ୟରେ ଦଣ୍ଡାଦେଶ ସକାଶେ ବିଚାରକଙ୍କ କ୍ଷମତା ଅଛି । ସେହିପରି ଅଭିଯୁକ୍ତ ବ୍ୟକ୍ତି ବିରୁଦ୍ଧରେ ଆଇନାନୁଯାୟୀ ସମନ ବା ୱାରେଣ୍ଟ ଜାରି କରିବା ବିଚାରକଙ୍କ କ୍ଷମତାଧୀନ । ତାହା ବେଆଇନ୍ ନୁହେଁ । କୁକୁଡ଼ା ଲଢ଼େଇ ସମ୍ବନ୍ଧରେ କହିଲି ଯେ ତାହା ଏକପ୍ରକାର ଜୁଆଖେଳ ଓ ଏହା ଲୋକଙ୍କ ନୈତିକ ଓ ଆର୍ଥିକ ଜୀବନର କ୍ଷତିକାରକ । ଏହି ବିବେଚନାରେ ତାହା ମୁଁ ବନ୍ଦ କରିଛି ।

ପଞ୍ଚମ ଅଭିଯୋଗରେ ଯଦି ଲେଶମାତ୍ର ସତ୍ୟ ଥାଆନ୍ତା ତାହାହେଲେ ତାହା ଗୁରୁତର ଓ ମୁଁ ଦଣ୍ଡାର୍ହ । କିନ୍ତୁ ତାହା ସୁଦ୍ଧା ଅମୂଳକ । ଏ ସମ୍ବନ୍ଧରେ ଫିଲିପ୍ ସାହେବଙ୍କୁ ମୁଁ କେତେକ କାଗଜ ଦେଖାଇଲି । ତହିଁରୁ ଦେଖାଇଲି ଯେ, ବଣେଇ ଷ୍ଟେଟ୍‌ର ଜଙ୍ଗଲ ବିଭାଗର ଶାସନ ସମ୍ବନ୍ଧରେ କେବେ କୌଣସି ଲିଖିତ ନିୟମ ନଥିଲା । ତଦାନିନ୍ତନ ଏଜେନ୍‌ସି ଫରେଷ୍ଟ ଅଫିସର ମୁନି ସାହେବ କେତେକ ନିୟମ ପ୍ରଣୟନ କଲେ । ମୋ ସହିତ ତହିଁର ଆଲୋଚନା ହେଲା ଓ ପରିଶେଷରେ ତାହା ପୋଲିଟିକେଲ୍ ଏଜେଣ୍ଟ ଅନୁମୋଦନ କଲେ ଏବଂ ଷ୍ଟେଟ୍‌ରେ ତାହା ଜାରି କରିବା ସକାଶେ ହୁକୁମ୍ ଦେବାରୁ ତାହା ମୋ ଦ୍ୱାରା ଜାରି ହେଲା । ସେତେବେଳେ ଫିଲିପ୍ ସାହେବ ଦୀର୍ଘ ଛୁଟିନେଇ ବିଲାତରେ ଥିଲେ । ଆସିଷ୍ଟାଣ୍ଟ ପୋଲିଟିକେଲ୍ ଏଜେଣ୍ଟ ପେକ୍ (N.F.Peck, I.C.S.) ସାହେବ ପୋଲିଟିକେଲ୍ ଏଜେଣ୍ଟ ଥିଲେ ଓ ସେ ଏହି ହୁକୁମ ଦେଇଥିଲେ । ପୂର୍ବେ ଷ୍ଟେଟ୍‌ରେ ବଣୁଆଲୋକେ ଜଙ୍ଗଲ ଅବାଧରେ ନଷ୍ଟକରିଦେଇ ଷ୍ଟେଟ୍‌ର ବହୁ କ୍ଷତି କରୁଥିଲେ । ଜଙ୍ଗଲଜାତ ଦ୍ରବ୍ୟର ବ୍ୟବହାର ଉପରେ ନୂତନ ପ୍ରଣୀତ ନିୟମଦ୍ୱାରା କଟକଣା ଜାରି ହେବାରୁ ପ୍ରଜାମାନେ ଅସୁବିଧା ବୋଧକଲେ । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଭାଗ- ୩୫

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

### ॥ ମିତରେ ମିତ ॥

ଚଳଚ୍ଚିତ୍ରର ସଫଳତା ନିମନ୍ତେ ସଂଗୀତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ । ଅନେକ ଚଳଚ୍ଚିତ୍ର କେବଳ ଗୀତ ପାଇଁ ହିଟ୍ ସାବ୍ୟସ୍ତ ହୋଇଛି । ଉଦାହରଣ ଦେବାର ଆବଶ୍ୟକତା ନାହିଁ । ଗୀତଗୁଡ଼ିକ କାହାଣୀର ସିକ୍ୟୁଏନ୍ସ ଅନୁଯାୟୀ ହେବା ଆବଶ୍ୟକ । ଅନାବଶ୍ୟକ ଗୀତର ସଂଯୋଜନା ଅନେକ ସମୟରେ ଦର୍ଶକୀୟ ବିଭକ୍ତି ସୃଷ୍ଟି କରିଥାଏ । ସେହିପରି ଗୀତ ଗୁଡ଼ିକର ଯଥାର୍ଥ କୋରିଓଗ୍ରାଫି ମଧ୍ୟ ହେବା ଆବଶ୍ୟକ । ହିନ୍ଦି ଓ ଦକ୍ଷିଣୀ ଚଳଚ୍ଚିତ୍ର ଗୁଡ଼ିକରେ ଗୋଟିଏ ଗୋଟିଏ ଗୀତର ପିକ୍‌ଚରାଯାଇସନ୍ ପାଇଁ ସେଲିବ୍ରିଟିମାନଙ୍କୁ ଆଣିବା ଟ୍ରେଣ୍ଡ ଚାଲେ । ଆମ ଓଡ଼ିଆ ଫିଲ୍ମ କ୍ଷେତ୍ରରେ କିଛି କିଛି ଏକ୍ସପେରିମେଣ୍ଟ ମଧ୍ୟ ଚାଲିଥିଲା । ବ୍ୟକ୍ତିଗତ ଭାବରେ ଗୀତ ପିକ୍‌ଚରାଯାଇସନ୍ ଉପରେ ମୁଁ ସବୁବେଳେ ଗୁରୁତ୍ୱ ପ୍ରଦାନ କରିଥାଏ, ବିଶେଷ କରି ମୁଁ ଲେଖିଥିବା ଗୀତ ଗୁଡ଼ିକରେ । 'ଆରେ ସାଥୀ ଆ'ର ଗୀତ 'ବଡ଼ କଠିନ ସେ ପ୍ରତିପାଳିବା' ଗୀତର ପିକ୍‌ଚରାଯାଇସନ କଥା ଯେତେବେଳେ ଉଠିଥିଲା ସେତେବେଳେ ସିକ୍ୟୁଏନ୍ସ ଥିଲା ଜଣେ ବନ୍‌ଜରା ଝିଅର ନୃତ୍ୟ ଉପରେ ଗୀତଟି ଗତିଶୀଳ ହେବ ଓ ମଝିରେ କାହାଣୀ ଗତି କରିବ । ଗୀତଟିରେ ହାରମୋନିୟମ ସହ ବନ୍‌ଜାରା ଗାୟକ ଭାବରେ ମୁଁ ଚୌଧୁରୀ ବିକାଶ ଦାସଙ୍କ ନାମ ପ୍ରପୋଜ୍ କରିଥିଲି । ଚୌଧୁରୀ ବିକାଶ ଦାସ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ଅଭିନେତା ବୋଲି ମୁଁ ବିବେଚନା କରେ । ମୋ ଅନୁରୋଧ ରକ୍ଷା କରି ଗୀତଟିର ସୁଟିଂ ଦୁଇଥର ପରିବର୍ତ୍ତନ କରାଯାଇଥିଲା ବିକାଶ ଦାସଙ୍କ ଡେଟ୍ ସମସ୍ୟା ପାଇଁ । ଶେଷରେ ଅତିଥି କଳାକାର ଭାବରେ ବିକାଶ ଦାସ ଚମତ୍କାର ଅଭିନୟ କରିଥିଲେ ।

ବନ୍‌ଜାରା ଝିଅ ଭାବରେ ଲଭ୍‌ଲିଙ୍କୁ ନିଆଗଲା । ସେତେବେଳେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲଭ୍‌ଲି ନବାଗତା । ଟିନ୍ ଏଜ୍ ହିରୋଇନ୍ ଭଳି ଚେହେରା । ଭଲ ନୃତ୍ୟ ବି କରିଥିଲେ । ବ୍ରଜରାଜ ମୁଭିଜରେ ବାବୁସାନ୍‌ଙ୍କ ପ୍ରଥମ ଚଳଚ୍ଚିତ୍ରରେ ନାୟିକା ଭାବରେ ତାଙ୍କୁ ଚୁକ୍ତିବଦ୍ଧ କରାଗଲା ।

'ମିତରେ ମିତ'ରେ ସେହି ଲଭ୍‌ଲିଙ୍କୁ ନେବାପାଇଁ ଆମେ ମନସ୍ଥ କଲୁ ।

'ମିତରେ ମିତ' ଅନାମ ସାହୁଙ୍କ ଦ୍ୱିତୀୟ ଚଳଚ୍ଚିତ୍ର । 'ନନ୍ଦିନୀ ଆଇ ଲଭ୍ ୟୁ'ର ସଫଳତା ପରେ ଅନାମ ବାବୁ ଅଣ୍ଟା ଭିଡ଼ିଥାନ୍ତି ଆଉ କେତୋଟି ଚଳଚ୍ଚିତ୍ର ନିର୍ମାଣ ପାଇଁ । ସେତେବେଳେ ଚଳଚ୍ଚିତ୍ର ପ୍ରଯୋଜନା ଥାଏ କେତେଜଣ ମୁଷ୍ଟିମେୟ ପ୍ରଯୋଜକଙ୍କ ହାତରେ ଓ ଚଳଚ୍ଚିତ୍ର ଶିଳ୍ପର କେନ୍ଦ୍ରବିନ୍ଦୁ ଥାଏ କଟକ । ଅନାମ ବାବୁ ପ୍ରଯୋଜନା କେନ୍ଦ୍ରକୁ ଓହ୍ଲାଇ ପଡ଼ିଲେ ଲାଭ କ୍ଷତିର ହିସାବକୁ ଖାତିର ନକରି ।

'ନନ୍ଦିନୀ ଆଇ ଲଭ୍ ୟୁ' ପରେ ଅନାମ ବାବୁଙ୍କ ପାଖରେ ନିର୍ଦ୍ଦେଶକମାନଙ୍କ ଲମ୍ବାଧାଡ଼ି । ଏଭଳି ଜଣେ ନବାଗତ ପ୍ରଯୋଜକଙ୍କ ସହ କାମ କରିବାକୁ ନିର୍ଦ୍ଦେଶକମାନଙ୍କ ଭିଡ଼ । ତେବେ ଅନାମ ବାବୁ ମୋର ଆଉ ପ୍ରଶାନ୍ତ ପାଢ଼ୀଙ୍କ ଉପରେ ଅଗାଧ ବିଶ୍ୱାସ । କୌଣସି କାରଣରୁ ଅନାମ ବାବୁ ଅଶୋକ ପତିଙ୍କୁ ରିପିଟ୍ କରିବାକୁ ଚାହିଁଲେନି । ଆମେମାନେ ଦ୍ୱନ୍ଦ୍ୱରେ ପଡ଼ିଗଲୁ । ସୁଧାକର ବସନ୍ତ ସେତେବେଳକୁ ଜଣେ କୋରିଓଗ୍ରାଫ୍‌ର ଭାବରେ ପ୍ରତିଷ୍ଠିତ । ନିର୍ଦ୍ଦେଶନା ପାଇଁ ମନସ୍ଥ କରିଥାନ୍ତି । ପ୍ରଶାନ୍ତ ବାବୁ ଓ ମୁଁ ଠିକ୍ କଲୁ ସୁଧାକର ବସନ୍ତଙ୍କୁ ଡିରେକ୍ଟର ଭାବରେ ଡେବ୍ୟୁ କରିବା ପାଇଁ । ଅନାମ ବାବୁ ରାଜି ହୋଇଗଲେ । ତେଲୁଗୁ ମୁଭି 'ବସନ୍ତମ୍'ର କାହାଣୀକୁ ରିମେକ୍ କରିବା ପାଇଁ ସ୍ଥିର କରାଗଲା । ନାୟକ ଭାବରେ ଅରିନ୍ଦମ୍ ଓ ନାୟିକା ଭାବରେ ନମ୍ରତାଙ୍କୁ ନେବାପାଇଁ ସ୍ଥିର କରାଗଲା । ନମ୍ରତା ଓଡ଼ିଆ ଚଳଚ୍ଚିତ୍ରରେ ପରିଚିତ ହୋଇ ସାରିଥିଲେ । ଅନ୍ୟତମ ନାୟିକା ଭାବରେ ଲଭ୍‌ଲିଙ୍କୁ ନେବା ପାଇଁ ନିର୍ଦ୍ଦେଶକ ସୁଧାକର ପ୍ରସ୍ତାବ ଦେଲେ । ଅରିନ୍ଦମ୍ ଓ ଲଭ୍‌ଲିଙ୍କୁ ଫାଇନାଲ କରିବା ପାଇଁ ସୁଧାକର, ପ୍ରଶାନ୍ତ ପାଢ଼ୀ ଓ ମୁଁ କଲିକତା ଗଲୁ । ଅରିନ୍ଦମ୍ ବଂଗଳା ଫିଲ୍ମରେ ବ୍ୟସ୍ତ ଥାନ୍ତି । ଗୋଟିଏ ଷ୍ଟୁଡିଓରେ ତାଙ୍କ ସହ ଦେଖାହେଲା । ତାଙ୍କର ଅରାଜି ହେବାର କୌଣସି କାରଣ ନଥିଲା । 'ଏ ମନ ମାନେନା'ରୁ ଅରିନ୍ଦମ୍‌ଙ୍କ ସହ ମୋର ବନ୍ଧୁତା । ଗୋଟିଏ ମଲ୍‌ରେ ଲଭ୍‌ଲିଙ୍କୁ ଡକାଇ କଥା ହୋଇଗଲୁ ।

ନିର୍ଦ୍ଦିଷ୍ଟ ଦିନ ଷ୍ଟାର୍ ହୋଟେଲ୍‌ରେ ମହୁରତ୍ ହେଲା । ମହୁରତ ଓ ପ୍ରେସ୍ କନ୍‌ଫରେନ୍ସ ପରେ ରାତିରେ ଘରକୁ ଫେରିଲି । ହଠାତ୍ ଲେଟ୍ ନାଇଟ୍‌ରେ ପ୍ରଯୋଜକ ଅନାମ ବାବୁଙ୍କ ଫୋନ୍ । ଅଜବ ପ୍ରସ୍ତାବ । ଆପଣ ଫିଲ୍ମର ନିର୍ଦ୍ଦେଶନା ଦିଅନ୍ତୁ । ସୁଧାକରକୁ ମୁଁ ନେବିନି । ମୁଁ ଚମକି ପଡ଼ିଲି ମାତ୍ର କେଇ ଘଣ୍ଟାର ବ୍ୟବଧାନ ପରେ ହଠାତ୍ ନିଷ୍ପତ୍ତିର ପରିବର୍ତ୍ତନ । ଅନ୍ୟ କେହି ହୋଇଥିଲେ ମୁଁ ଥଟ୍ଟା ବୋଲି ଭାବିଥାନ୍ତି । ହେଲେ ଅନାମ ବାବୁଙ୍କୁ ମୁଁ ପୂର୍ବରୁ ଭଲକରି ଜାଣେ । ଜିଦ୍‌ଖୋର୍ ଲୋକ । ମୁଁ ଯେତେ ବୁଝାଇଲେ ବି ବୁଝିବାକୁ ନାରାଜ । ପରଦିନ ସକାଳ ଯାଏ ମୁଁ ସମୟ ମାଗି ନିଷ୍ପତ୍ତି ଜଣାଇବି ବୋଲି ଜଣାଇଲି ।

ସେହି ରାତିରେ ପ୍ରଶାନ୍ତ ପାଢ଼ୀଙ୍କୁ ସମସ୍ତ ବିଷୟ ଜଣାଇଲି, ପ୍ରଶାନ୍ତ ବାବୁଙ୍କୁ ଆଉ ଘଟଣା ସଂପର୍କରେ ଅବୁଝା ରହିଲା ନାହ

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୬ ଫେବୃଆରୀ, ୨୦୨୨


## ପ୍ରେମରେ ପ୍ରେମରେ ଗୀତି ....(୩୩)

### ॥ ମେଘଭରା ଅଭିମାନ ॥

ଏମିତି ଝିଅଟେ ମିଳନ୍ତା କି ମୋତେ
ରୂପ ଯା'ର ରୂପା ଜହ୍ନ,
ମନଟା ଯାହାର ଚିର ବସନ୍ତର
ରଙ୍ଗଭରା ଫୁଲବନ ।

ଆଖିରେ ଯାହାର ସ୍ୱପ୍ନର ସମ୍ଭାର
ଓଠ ତଳେ କୃଷ୍ଣଚଡ଼ା,
ବାରମାସୀ ଦେହେ ଦେଉଥିବା ସଦା
ଛଅ ଋତୁ ଖଣ୍ଡିଉଡ଼ା,
କୁନ୍ତଳରେ ଯା'ର ଭିଜା ଶ୍ରାବଣର
ମେଘଭରା ଅଭିମାନ ।

ନିଃଶ୍ୱାସରେ ଯା'ର ତୋଳୁଥିବ ମୋ'ର
ବିଶ୍ୱାସର ଛୋଟ ଘର,
ସେ ଘର ଆଗରେ ଚାହିଁ ବସିଥିବ
ଫେରନ୍ତା ବାଟକୁ ମୋର,
ପ୍ରୀତିକୁ ମୋଅର ହୃଦୟରେ ତା'ର
କରିଥିବ ଗଣ୍ଠିଧନ ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧

## ■ ସାମ୍ପ୍ରତିକୀ ■

# ଲୁଟିଆଙ୍କ ହରିଲୁଟ୍

**ସୁବ୍ରତ ପଟ୍ଟନାୟକ**

ଲୁଟିଆଙ୍କ ଲାଗି ସରକାର କରିଛନ୍ତି ମାଳମାଳ ଯୋଜନା । ସେଥିପାଇଁ ଖର୍ଚ୍ଚ ହେଉଚି ବିପୁଳ ଅର୍ଥ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ସଡ଼କ ଯୋଜନା, ଖାଦ୍ୟ ଯୋଜନା, ସ୍ୱାସ୍ଥ୍ୟ ଯୋଜନା, କାଳିଆ ଯୋଜନା, କୃଷକ ଯୋଜନା, ମହିଳା ସଶକ୍ତିକରଣ ଯୋଜନା ଆଦି ନାନା ରକମର ନାଁ ଆମେ ଶୁଣୁଚେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେଥିପାଇଁ କରୁଛନ୍ତି କସରତ୍ । ପାଣି ପରି ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ଯୋଜନାର ସୁଫଳ ମିଳୁଛି କି ନା, ତାକୁ ନେଇ ସୃଷ୍ଟି ହେଉଛି ପ୍ରଶ୍ନବାଚୀ । ଓଡ଼ିଶାରେ ମନରେଗା ଯୋଜନା ବା ମହାତ୍ମା ଗାନ୍ଧୀ ଗ୍ରାମ୍ୟ ନିଶ୍ଚିତ ରୋଜଗାର ଯୋଜନାର ଦୁର୍ନୀତି ଏବେ ଶୀର୍ଷରେ । କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍‌ର ମୋଟ ୩୧ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ପ୍ରାୟ ୧୦ଟି ପଞ୍ଚାୟତରେ ହୋଇଛି ମନରେଗା ଦୁର୍ନୀତି । ଶାଳଣିଆ, ହାବଳେଶ୍ୱର, ସଡ଼ଙ୍ଗ, ଅଁରା, ଆମ୍ବୋ, ବଞ୍ଜୋ, ସୋସୋ, ଡେଙ୍କା, ବାଲିବରେଇ, ସଡ଼ା ଆଦି ଗ୍ରାମ ପଞ୍ଚାୟତରେ ହୋଇଛି ବିପୁଳ ଅର୍ଥ ହଡ଼ପ ।

ମନରେଗା ମହାଦୁର୍ନୀତି ସଂକ୍ରାନ୍ତରେ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଥରକୁ ଥର ସ୍ତମ୍ଭ ପ୍ରକାଶ କରିଛି । ମାତ୍ର ଏହାକୁ ପ୍ରଶାସନିକ ସ୍ତରରେ ଆଦୌ ଗୁରୁତ୍ୱ ଦିଆଯାଇନାହିଁ । ଆମ ଅଭିଯୋଗର ସତ୍ୟତା ନଥିବା ଦର୍ଶାଇ ଘଟଣାକୁ କରାଯାଇଛି ଅଣଦେଖା । ଏବେ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଯାଞ୍ଚ କମିଟି ହାଟଡିହି ବ୍ଲକ୍‌ର କେତେକ ଗ୍ରାମ ପଞ୍ଚାୟତରେ କରିଛି ଛାନ୍‌ଭିନ୍ । ଆମେ ଏ ସଂକ୍ରାନ୍ତରେ କେତୋଟି ନିର୍ଦ୍ଦିଷ୍ଟ ତଥ୍ୟ ଉପସ୍ଥାପନ କରୁଚେ । ୨୦୧୬-୨୦୧୭ ଆର୍ଥିକ ବର୍ଷରେ ଶାଳଣିଆ ପଞ୍ଚାୟତରେ ନିମେଯଯାଲି ପୋଖରୀ ଉନ୍ନତିକରଣ ନାମରେ ୫୧ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ପ୍ରକଳ୍ପର ଅନୁମୋଦନ ହୋଇନାହିଁ କିମ୍ବା ଗ୍ରାମ ପଞ୍ଚାୟତରେ ପ୍ରସ୍ତାବ ଗୃହୀତ ହୋଇନାହିଁ । ସେଥିପାଇଁ ଗ୍ରାମସଭା ମଧ୍ୟ ଡକା ଯାଇନାହିଁ । ପୋଖରୀ କାର୍ଯ୍ୟ ସମ୍ପର୍କରେ ହାଟଡିହି ବ୍ଲକ କାର୍ଯ୍ୟାଳୟରେ କୌଣସି ରେକର୍ଡ ନାହିଁ । ସେହି ଆର୍ଥିକ ବର୍ଷରେ ବଳଭଦ୍ରପୁର ଗାଁ ରାସ୍ତାର ଉନ୍ନତିକରଣ ପାଇଁ ୧ ଲକ୍ଷ ୧୨ହଜାର ଟଙ୍କା ଖର୍ଚ୍ଚ ହୋଇଛି । ତାର ମଧ୍ୟ ହିସାବ ପତ୍ର ନାହିଁ । ୨୦୧୮-୧୯ ଆର୍ଥିକ ବର୍ଷରେ ଆର୍‌ଡି ରାସ୍ତା ପର୍ଯ୍ୟନ୍ତ ୧ଲକ୍ଷ ୯୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏହାର କାଗଜପତ୍ର ମିଳୁନାହିଁ । ୨୦୧୬-୧୭ ଆର୍ଥିକ ବର୍ଷରେ ସେଥିରେ ୨୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ଆଶ୍ଚର୍ଯ୍ୟର କଥା, ଶ୍ରମିକଙ୍କୁ ପିଇବା ପାଣି ଯୋଗାଇ ଦେବା ଆଳରେ ୭୮ ହଜାର ଟଙ୍କା ଉଠା ଯାଇଛି । ମନରେଗା ଶମିକଙ୍କ ତାଲିକାରେ ଛାତ୍ରଛାତ୍ରୀ, ଶିକ୍ଷକ, ବ୍ୟବସାୟୀ ଓ ନେତାମାନଙ୍କ ନାମ ରହିଥିବା ଜଣା ପଡ଼ିଛି । ଶାଳଣିଆ ପଞ୍ଚାୟତର ମୋଟ ୪ଟି ପ୍ରକଳ୍ପରେ ୩ଲକ୍ଷ ୮୨ ହଜାର ଟଙ୍କା ଲୁଟି ନିଆ ଯାଇଛି । ବାକି ନଅ ଦଶଟି ପଞ୍ଚାୟତର ଅବସ୍ଥା ସମାନ । ହାଟଡିହି ବ୍ଲକ୍‌ର ତତ୍‌କାଳୀନ ବିଡିଓ ଭାବେ ଥିଲେ ଆନନ୍ଦ ଚନ୍ଦ୍ର ସେଠୀ । ଯନ୍ତ୍ରୀ ଦାୟିତ୍ୱରେ ଥିଲେ ଧନଞ୍ଜୟ ମହାପାତ୍ର । ଦୁର୍ନୀତି ସଂକ୍ରାନ୍ତରେ ସେ ଦୁହିଁଙ୍କ ମତାମତ ନେବାକୁ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ସେତେବେଳେ ଚେଷ୍ଟା କରିଥିଲେ । ମାତ୍ର ସେମାନେ ଆମକୁ କୌଣସି ମତାମତ ଦେଇ ନଥିଲେ । ଏବେ ସ୍ୱତନ୍ତ୍ର ଯାଞ୍ଚ କମିଟି ଛାନ୍‌ଭିନ୍ କରିବାରୁ ସବୁକଥା ପଦାରେ ପଡ଼ିଛି ।

କେନ୍ଦୁଝର ଜିଲ୍ଲାରେ ଏଭଳି ଗୋଟାକୁ ଗୋଟା ଦୁର୍ନୀତି ହେବାର କାରଣ କଣ ବୋଲି ଆମେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ପଚାରିଥିଲୁ । ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ସେ କହିଲେ- କେନ୍ଦ୍ରୀୟ ଯୋଜନାର ଅର୍ଥକୁ ବିଭିନ୍ନ ରାଜ୍ୟ ଲୁଟୁଛନ୍ତି । ଏହି ଅର୍ଥର ସିଂହଭାଗ ସରକାରୀ ଦଳର ପାଣ୍ଠିକୁ ଯାଉଛି । ତାହା ଧରାବନ୍ଧା କଥା । ପ୍ରଶାସନ ଓ ରାଜନେତା ଏ ବାବଦରେ ଅବଗତ । ଶିଳ୍ପପତି, ବ୍ୟବସାୟୀ, ଖଣି ମାଲିକ, ଠିକାଦାର ଗୋଷ୍ଠୀଙ୍କଠୁ ମାସିକିଆ ବଟି ଆଦାୟ ହୁଏ । ଠିକ୍ ସେହିଭଳି ପ୍ରଶାସନିକ ଅଧିକାରୀ ମଧ୍ୟ ଅର୍ଥ ପୈଠ କରନ୍ତି । ବିଡିଓ, ତହସିଲଦାର, ଥାନା ଅଧିକାରୀ ସମସ୍ତେ ଯେଝା ଯେଝା ସାଧ ମତେ ପାଉଣା ଦିଅନ୍ତି । ଯିଏ ନଦେଲା କିମ୍ବା ପାଉଣା ଦେବାରେ ଓଲମବିଲମ କଲା, ତାଙ୍କ ଅବସ୍ଥା ଗୁଡୁମ୍, ତାଙ୍କର ବାର ଗଣ୍ଡା ଦିଗଡ଼ା ହେବା ଥୟ ।

କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଯେଉଁ ଅର୍ଥ ବିଭିନ୍ନ ଜିଲ୍ଲାକୁ ଆସୁଛି, ତାର ତଦାରଖ କରିବା ଦାୟିତ୍ୱ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କର । ଜିଲ୍ଲାପାଳଗଣ ରାଜ୍ୟ ସରକାରଙ୍କ ଇଙ୍ଗିତରେ କାମ କରୁଛନ୍ତି । ସେମାନଙ୍କୁ ରାଜ୍ୟ ସରକାର ଧଳା ହାତୀ ଭଳି ପୋଷିଛନ୍ତି । ଅଧିକାଂଶ ଆଇଏଏସ ଓ ଆଇପିଏସ ଅଫିସର ଏହି କାରଣରୁ କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବାକୁ ନାକ ଟେକୁଛନ୍ତି । ସେଠାରେ ସେମାନଙ୍କ ପୋଷ୍ଟ ଫାଙ୍କା ପଡୁଛି । ଆମେ ଜାଣୁ, ଜିଲ୍ଲାପାଳ ଏକୁଟିଆ ସବୁ କାର୍ଯ୍ୟ ତଦାରଖ କରି ପାରିବେ ନାହିଁ । ତାହା ଅସମ୍ଭବ । ସେସବୁ କାର୍ଯ୍ୟ ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ତହସିଲଦାର, ବିଡିଓ ପ୍ରମୁଖ ବୁଝିବେ । ଏହି ଅଧିକାରୀଗଣ ରାଜ୍ୟ ସରକାରଙ୍କର ଆଜ୍ଞାଧିନ । ଯଦି ଅର୍ଥ ହରିଲୁଟ୍ ଲାଗି ପ୍ରଶାସନିକ ଅଧିକାରୀଙ୍କ ଉପରେ ରାଜନେତା କିମ୍ବା ମନ୍ତ୍ରୀଗଣ ଚାପ ପ୍ରୟୋଗ କରୁଥିବେ, ତେବେ କଥା ସରିଲା । ସେମାନଙ୍କ କଥା ଅନୁସାରେ ବାଟ ଚାଲିବାକୁ ସରକାରୀ ଅଧିକାରୀ ବାଧ୍ୟ । ନହେଲେ ରାତିଅଧିଆ ବଦଳି । କେତେକ ସଚ୍ଚୋଟ, ନିର୍ଭିକ, ନିଷ୍ଠାପର ଅଧିକାରୀ ସେହି କାରଣରୁ ନକ୍ସଲ ଅଧୁଷିତ ଇଲାକାରେ ପଡିଛନ୍ତି । ଯେଉଁମାନେ ରାଜନେତାଙ୍କ କଥାରେ ଉଠ୍‌ବସ୍ ହେଉଛନ୍ତି, ସେମାନଙ୍କୁ ରସାଳିଆ ପଦରେ ବସାଯାଉଛି ।

୨୦୦୦ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ବିଜେଡି-ବିଜେପିର ମେଣ୍ଟ ଶାସନ ଥିଲା । ସେତେବେଳେ ଯେ ଦଳୀୟ ପାଣ୍ଠିପାଇଁ ଚାନ୍ଦା ଆଦାୟ ହେଉ ନଥିଲା ତା ନୁହେଁ, ମାତ୍ର ସେଥିରେ ଥିଲା ଭାଗମାପ । ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପାଳି ପାଞ୍ଚବର୍ଷ ଯେଉଁ ଶାସନ ଚଳାଇଥିଲେ, ତାହା ଓଡ଼ିଶାବାସୀଙ୍କୁ ଚମକାଇ ଥିଲା । ଦୁର୍ନୀତିଖୋର୍ ଅଧିକାରୀଙ୍କ ଉପରେ ସେ ହୋଇଥିଲେ ଖଡ଼୍‌ଗହସ୍ତ । ଗଣ୍ଡା ଗଣ୍ଡା ମନ୍ତ୍ରୀଙ୍କର ହେଉଥିଲା ପକ୍ଷଚ୍ଛେଦନ । ଦୁର୍ନୀତି କରିବାକୁ କୌଣସି ନେତା, ଅଧିକାରୀ ସାହସ କରି ପାରୁନଥିଲେ । ମାତ୍ର, ଓଡ଼ିଶାରେ ବିଜେଡ଼ି ଦଳ ନିରଙ୍କୁଶ କ୍ଷମତା ହାସଲ କରିବା ପରେ ବଦଳି ଯାଇଛି ଚିତ୍ର । ମୁଖ୍ୟମନ୍ତ୍ରୀ ଗାଦିରେ ନବୀନ ବସିଛନ୍ତି ସତ, ମାତ୍ର ରିମୋଟ ରହିଛି ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କ ହାତରେ । ଜଣେ ଦି ଜଣ ରାଜନେତା ପାଲଟିଛନ୍ତି ପରାମର୍ଶଦାତା । ସେମାନଙ୍କ ଇଶାରାରେ ଚାଲିଛି ଶାସନ । ନବୀନ ନିବାସ ଏବେ ଦୁର୍ଭେଦ ଦୁର୍ଗ । ବାହାର ଲୋକଙ୍କ ପ୍ରବେଶ ନିଷେଧ । ୨୫ ବର୍ଷପରେ ବିଜୟର ସିଲଭର୍ ଜୁବୁଲି ପାଳିବେ ଏକ ନୟର ମୁଖ୍ୟମନ୍ତ୍ରୀ । ବାଜା ବାଜିବ, ବାଣ ଫୁଟିବ, ନାଚଗୀତ, ଭୋଜିଭାତ ହେବ । ତାହା ସତ । ମାତ୍ର ସେପଟେ, ଦୁର୍ନୀତିର ଚେର ମାଟି ତଳେ କାୟା ମେଲାଉଥିବ, ତାହା ବି ମିଛ ନୁହେଁ । ଜୟ ଜଗନ୍ନାଥ ।


+ ଓରାଳି, କେଉଁଝର
(ମୋ) ୯୯୩୭୭୯୧୨୪୪


## ଧାରାବାହିକ ଉପନ୍ୟାସ

# ରାଜନୀତି

**ସୃଷ୍ଟିଧର ପରିଡା**


♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫

ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭସ୍ମାସୁର ବନିବାକୁ ଚେଷ୍ଟା କରୁଛି । ମୋରି ପାଇଁ ରାଜନୀତିରେ ପ୍ରତିଷ୍ଠା ପାଇବା ପରେ ସେ ନିଜକୁ ସୁପରପାୱାର ମନେକଲାଣି । ପ୍ରତିରାତିରେ ବିଧାୟକମାନଙ୍କୁ ମଦ ମାଂସ ଖୁଆଇ, ଟିପ୍‌ସ ଦେଇ ଏକଜୁଟ୍ କରି ମୋ ବିରୋଧରେ ହାଇକମାଣ୍ଡଙ୍କ ନିକଟରେ ମନ୍ତ୍ରୀ ହେବା ପାଇଁ ଲବି କଲାଣି । ତା'ର ପତନ ଏଣିକି ଅବଶମ୍ଭାବୀ । ସେଇଥିପାଇଁ ତା' ଜୀବନରେ ଅନନ୍ୟାର ଏ ଅନୁପ୍ରବେଶ । ତାକୁ ସେଇ ଅନନ୍ୟା ହିଁ ଡ୍ୟାମେଜ କରିବ । ସିଏ ମଦ ଆଉ ନାରୀ ପାଇଁ ଏମିତି ପାଗଳ ହୋଇଯିବ ଯେ ରାଜନୀତି କରିବା ପାଇଁ ତାର ଆଉ ଯୋଗ୍ୟତା ରହିବନାହିଁ ।

ତାପରେ ମୁଁ କଣ କରିବି ସାର୍ ?- ପ୍ରଶ୍ନ କରିଥିଲା ମୌସୁମୀ ।

ମୋ ହୃଦୟର ରତ୍ନ ସିଂହାସନ କେବଳ ତମପାଇଁ ମୌସୁମୀ, କେବଳ ତମପାଇଁ । ତମେ ଓମ୍‌କୁ ତା' ରାସ୍ତାରେ ଛାଡିଦିଅ, ସିଏ ଅଳ୍ପ ଦିନର ଆଲୋକ । ତମେ ତ ଗୋଟେ ବତୀଘର ମୌସୁମୀ, ତମ ଆଲୋକ ମୋ ରାଜନୈତିକ ଜୀବନକୁ ଆଲୋକିତ କରିବ । ଏ ଉତ୍ତର ବୟସରେ ତମେ ଯେଉଁ ଶିହରଣ ଭରି ଦେଇଛ ମୋ ମନରେ, ତାହା ତମେ ଜାଣିପାରିବନି । ତମକୁ ପ୍ରଥମରୁ ଦେଖିଲା ଦିନୁ ମୁଁ ତମ ପାଇଁ ପାଗଳ ହେଉଥିଲି । ଆଜି ଖୁସି ଯେ ଏତେଦିନ ପରେ ତମେ ଅନ୍ତତଃ ମୋତେ ବୁଝିପାରିଛ । ୱେଲକମ୍ ମୌସୁମୀ, ୟା ପରେ ଓଁକାରନାଥ ନୁହନ୍ତି, ତମେ ହିଁ ପରବର୍ତ୍ତୀ ବିଧାୟିକା ହେବ ଏବଂ ଓଁକାରନାଥ ଉପରେ ପ୍ରତିଶୋଧ ନେବ । ତମେ ତ ଜାଣିଛ କଣ୍ଟାକୁ କଣ୍ଟାରେ ହିଁ କଢ଼ାଯାଏ ।

ଦୀର୍ଘଶ୍ୱାସ ନେଲା ମୌସୁମୀ ।

କହିଲା, ଆପଣ ମୋ ରାଜନୈତିକ ଗୁରୁ ସାର୍ । ସମ୍ପର୍କକୁ ଦେଇ ନେଇ କେମିତି ରାଜନୀତି କରାଯାଏ ଓ ରାଜନୀତି ଯଜ୍ଞରେ କେମିତି ସମ୍ପର୍କକୁ ଆହୁତି ଦିଆଯାଏ ତାହା ଆପଣ ଯେମିତି ନିଖୁଣ ଭାବରେ ଶିକ୍ଷା ଦିଅନ୍ତି ତାହା ଆଉ କେହି ପାରିବେନାହିଁ ।

ବିଜୟାନନ୍ଦଙ୍କ କଣ୍ଠରେ ଗଦ୍‌ଗଦ ଆନନ୍ଦ ।

ତୁମେ ଯଦି ଭୁଲ୍ ନବୁଝିବ କଥାଟିଏ କହିବି ସୁମୀ । ତୁମେ ଆଉ ମୁଁ ଯଦି ରାଜନୀତି ଓ ବ୍ୟକ୍ତିଗତ ଜୀବନରେ ଏକାଠି ହୋଇଯିବା ତେବେ ଆମେ ଦୁହେଁ ଏକ ନୂତନ ସମ୍ଭାବନାମୟ ଯୁଗ ସୃଷ୍ଟି କରିବା । ଯେଉଁଠି କେବଳ ଥିବ ତୁମେ ଆଉ ମୁଁ । ଦୁନିଆର ସବୁପ୍ରକାର ସୁଖ-ସମୃଦ୍ଧି, ଖୁସି-ଆନନ୍ଦ, କ୍ଷମତା-ପ୍ରତିପତ୍ତି ଆପଣାଛାଏଁ ଆସି ପହଞ୍ଚିଯିବ ଆମ ପାଖରେ । ତମେ ମୋତେ ପାଗଳ କରିଦେଲଣି ମୌସୁମୀ । ତମେ ଆସ, ତମ ଆଗମନରେ ପଲ୍ଲବିତ ହୋଇଉଠୁ ମୋ ଜୀବନ ।

ଆଖିରୁ ଲୁହପୋଛି ଏଥର ସଶବ୍ଦେ ହସି ଉଠିଲା ମୌସୁମୀ । କହିଲା, ନୂଆ ସକାଳର ସୂର୍ଯ୍ୟକୁ ଉଇଁବାକୁ ଦିଅନ୍ତୁ ସାର୍ । ମୋ ଜୀବନର କଳାରାତି ଏବେଠୁ ପାହିବାକୁ ହିଁ ଆରମ୍ଭ କଲାଣି । କାଲିଠୁ ଏ ମୌସୁମୀ ଦେଖିବ ଆଉ ଦେଖେଇବ ନୂଆ ସକାଳର ନୂଆସୂର୍ଯ୍ୟ । ମୋ ଆଖିର ଲୁହରେ ଧୋଇ ହୋଇଗଲାଣି ମାୟାର ଅଂଜନ । ମୋ ଭିତରେ ଜାଗ୍ରତ ହେବାକୁ ଲାଗିଲାଣି ଶୋଇ ଯାଇଥିବା ଶକ୍ତି । ସତରେ ସାର୍, ଆପଣ ମୋ ଭିତରର ଶକ୍ତିକୁ ଚେଇଁଦେବାର ଯେଉଁ ପ୍ରୟାସ କଲେ ତା' ପାଇଁ ମୁଁ ଆପଣଙ୍କ ପାଖରେ ଋଣୀ । ଖାଲି ଋଣୀ ନୁହେଁ ଚିରଋଣୀ କୃତଜ୍ଞ ମଧ୍ୟ ।

ଏତିକି ବୁଝିବା ପାଇଁ ଏତେ ଡେରିକଲ ସୁମୀ ? ତମେ ବୁଝିପାରିବନାହିଁ ତମେ ମୋତେ କେମିତି ଆଚ୍ଛନ୍ନ କରିରଖିଛ । ମୋର ଗୋଟିଏ ରାତିର ସ୍ୱପ୍ନ ଯଦି ତମକୁ ମୋହମୁକ୍ତ କରିପାରିଲା, ତେବେ ଆଗରୁ କାହିଁକି ମୁଁ ଏ ପଦକ୍ଷେପ ନେଉନଥିଲି, ତାହାହିଁ ଭାବୁଛି । ତେବେ ଡୋଣ୍ଟ ଓରି ମୌସୁମୀ, ଭଗବାନ ଯାହା କରନ୍ତି ସବୁ ପ୍ରାଣୀଙ୍କ ମଙ୍ଗଳ ପାଇଁ । ତମେ ସେ ମଦ୍ୟପ ନାରୀଲୋଭାସକ୍ତ ଓଁକାରନାଥର ଜୀବନରୁ ବିଦାୟ ନେଇ ସବୁଦିନ ପାଇଁ ଚାଲିଆସ । ଦେଖିବ ତମକୁ ୱେଲକମ୍ କରିବା ପାଇଁ ମୁଁ କେମିତି ତୋରଣ ସଜେଇ ବସିଥିବି ।

ଫୋନ୍ ରଖିଲା ମୌସୁମୀ ।

ଗାଲ ଦେଇ ଗଡିଯାଉଥିବା ଶବ୍ଦହୀନ ଲୁହକୁ ପୋଛି ନେଉନେଉ ସ୍ୱଗତୋକ୍ତି କଲା, "ଅପେକ୍ଷାକର ବିଜୟାନନ୍ଦ, ତମେ ହିଁ ଆଗ ଦେଖିବ ମୋର ନୂଆ ରୂପ । ମୋ ଭିତରେ ଶୋଇ ଯାଇଥିବା 'ମୁଁ'କୁ ଚିଆଁଇଦେଇ ଯୋଉ ମହତ୍ତ୍ୱପୂର୍ଣ୍ଣ କାମ ତୁମେ କରିଛ ତା' ପାଇଁ ମୁଁ ସତରେ ତମକୁ ଧନ୍ୟବାଦ ଦେବି ବିଜୟାନନ୍ଦ । କପଟତାର ପଶାପାଲିରେ ଯେଉଁ ଗୋଟି ତମେ ଚଳଉଛ, ଦେଖିବ କେମିତି ବୁମେରାଂ ହୋଇ ତାହା ତମ ପାଖକୁ ଫେରିବ । ଅପେକ୍ଷାକର ବିଜୟାନନ୍ଦ, ରାତି ପାହିବାକୁ ଆଉ ବେଶି ଡେରିନାହିଁ ।"ପ୍ରାଚୀପ୍ରଭା ଓ ଅଭିଷେକର ଜୀବନଡଙ୍ଗା ସମୟ ସାଗରରେ ଭାସିଚାଲିଥିଲା । ଅଭିଷେକ ପ୍ରାଚୀପ୍ରଭାକୁ ନେଇ ଘୁରିବୁଲୁଥିଲା ନଗର ସହର ଓ ଗ୍ରାମରୁ



ଗ୍ରାମକୁ । ଅଭୀପ୍‌ସା କେବଳ ନୂତନତ୍ୱର ସନ୍ଧାନ, ଏକ ପରିବର୍ତ୍ତନଶୀଳ ବ୍ୟବସ୍ଥାର ଅନ୍ୱେଷଣ ।

ପ୍ରାଚୀପ୍ରଭାର ସମ୍ପର୍କୀୟ ଭାଇ ଏମ୍. ସୁବାସ କ୍ରାନ୍ତିକାରୀ ଆନ୍ଦୋଳନର ଲକ୍ଷ୍ୟ ଆଭିମୁଖ୍ୟକୁ ବୁଝଉଥିଲା ଅଭିଷେକ ଓ ପ୍ରାଚୀପ୍ରଭାକୁ ।

- କ୍ରାନ୍ତିର ମାନେ କଣ ଧ୍ୱଂସ ? ପଚାରେ ଅଭିଷେକ ।

- ଧ୍ୱଂସ ସ୍ତୁପ ତଳୁ ହିଁ କଅଁଳେ ନୂଆ ଗୋଟେ ସମ୍ଭାବନା । କହେ ପ୍ରାଚୀପ୍ରଭା ।

- ନୂଆ ସମ୍ଭାବନା ନାଁରେ ତାଣ୍ଡବ କଣ ଜରୁରୀ ?

- ତାଣ୍ଡବ ନହେଲେ ଭୟ ଆସିବ ନାହିଁ । ଆଉ ଭୟ ନଥିଲେ ଜୟର ସ୍ୱପ୍ନ ଦେଖିହେବ ନାହିଁ ।

- ଇଏ କି ପ୍ରକାର ଯୁକ୍ତି ? ତାଣ୍ଡବ ରଚିବା ନାଁରେ ନିରପରାଧ ଲୋକଙ୍କୁ ସଂହାର କରାଯିବ ?

- ନିରପରାଧ କିଏ ?

ପ୍ରାଚୀପ୍ରଭା କୁହେ, ଯୁକ୍ତି କରି କିଛି ହାସଲ କରିହୁଏନା ଅଭିଷେକ । ବର୍ତ୍ତମାନ ସମୟରେ କେବଳ ଏହି କ୍ରାନ୍ତୀକାରୀ ଆନ୍ଦୋଳନ ହିଁ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ କରିପାରିବ । ପୁଞ୍ଜିପତି ଓ ଗଣତନ୍ତ୍ରର ଦଲାଲ ସାଜିଥିବା ନେତା ଓ ଶାସକଙ୍କ କବଳରୁ ଏ ସମାଜକୁ ରକ୍ଷା କରିପାରିବ । ପୁଞ୍ଜିବାଦକୁ ଭାଙ୍ଗି ଏକ ସାମ୍ୟବାଦୀ ସମାଜ ଗଠନ ହେବ ଓ ଧନୀ ଗରିବ ମଧ୍ୟରେ ପାର୍ଥକ୍ୟକୁ ଦୂର କରି ଲୋକଙ୍କୁ ଶୋଷଣମୁକ୍ତ କରି ନ୍ୟାୟ ଦେଇପାରିବ । ଏହି ସଙ୍ଗଠନର ନେତାମାନେ ଦିନେ ନିଶ୍ଚିତ ଭାବେ ରାମରାଜ୍ୟ ସ୍ଥାପନ କରି ପାରିବେ । ଦିନେନା ଦିନେ ଏହି ସଂଗଠନ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ । ଦେଖିବ ରୁହ, ଏହି କ୍ରାନ୍ତିକାରୀ ଦଳ ହିଁ ଦେଶର ଶାସକ ହୋଇ ସାଧାରଣ ଲୋକଙ୍କ ସ୍ୱପ୍ନକୁ ସାକାର କରିବ ଓ ଲୋକଙ୍କର ଭାଗ୍ୟ ବିଧାତା ହେବ ।

ଅଭିଷେକ ଭିତରେ ତଥାପି ଦ୍ୱନ୍ଦ୍ୱ ।

ସାମ୍ୟବାଦୀ ଆନ୍ଦୋଳନର ନେତାମାନେ ତେଣୁ କାହିଁକି ଦଳିତ ଆଦିବାସୀ ଗରୀବ ଝିଅ ବୋହୂଙ୍କୁ ଦଳରେ ସାମିଲ୍ କରି ଯୌନ ନିର୍ଯ୍ୟାତନା ଦିଅନ୍ତି ?

କାହିଁକି ପୁଞ୍ଜିପତିମାନଙ୍କ ଠାରୁ ଏମାନେ ବଟି ନିଅନ୍ତି ?

କାହିଁକି କୌଣସି ଦୁର୍ନୀତିରେ ଜଡିତ ନାମିଦାମୀ ପ୍ରତିଷ୍ଠିତ ନେତା ସେମାନଙ୍କ ଗୁଳିର ଶୀକାର ହୁଅନ୍ତିନି ?

କାହିଁକି କେବଳ ନିରୀହ ଜବାନମାନେ ସେମାନଙ୍କର ଟାର୍ଗେଟ୍ ?

କାହିଁକି ପଦସ୍ଥ ମାଓ ନେତା ଓ କ୍ୟାଡ଼ରମାନଙ୍କ ଭିତରେ ଏତେ ବ୍ୟବଧାନ ?

ଯେତେଯେତେ ଅଧିକ ସାମ୍ୟବାଦ ସଂଗଠନରେ ମିଶୁଥିଲା ସେତେ ଅଧିକ ପ୍ରଶ୍ନ ଓ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ଜାଣିବାକୁ ପାଉଥିଲା ଅଭିଷେକ । ଘୃଣା ଆସୁଥାଏ । ଏମାନେ ବି ମୁକ୍ତ ନୁହନ୍ତି ଦୁର୍ନୀତିରୁ ? ଉପରେ ଆନ୍ଦୋଳନର ରଂଗ ମାଖି 

## ସ୍ୱୀକାରୋକ୍ତି

# କବିତାର ଅନନ୍ତ ଉଦଧିରେ ମୁଁ ଏକ ନିଖୋଜ ନାବିକର ଦୀର୍ଘଶ୍ୱାସ : ପୂର୍ଣ୍ଣ ଦାସ



**(କବି ପୂର୍ଣ୍ଣ ଦାସଙ୍କ କବିତା ବହି 'ତମ ଗାଁ ନଈ'ରେ ଅଛି ଆବେଗ ଉଚ୍ଛଳ ଉଦ୍ଗୀରଣ, ଅଛି ଭାବ, ଭାଷା, ପ୍ରଣୟ, ପୁଲକ ଭଳି ମହାର୍ଘ କୈବଲ୍ୟ । ବହିଟିର ଅଗ୍ରଲେଖରେ କବିଙ୍କ ସ୍ୱୀକାରୋକ୍ତି ଏତକ ।)**




ଏ ପୃଥିବୀରେ ସମସ୍ତେ ଜଣେ ଜଣେ କବିତା ନ' ଲେଖୁଥିବା କବି । କବିତା ନିରବ ନଈର ଅଭୁଲା ଗୀତ । ଅଗ୍ନାଅଗ୍ନି ବନସ୍ତର ତପସ୍ୟା, ମଣିଷ ମନର ଅଭ୍ୟନ୍ତରରେ ରହସ୍ୟମୟ ଫଗୁଣର ଉର୍ବର ପାହୁଣ୍ଡ, ଅନ୍ତରଙ୍ଗ ଓଠର କ୍ଲାସିକ୍ ଚୁମ୍ବନ, ବିସ୍ତୀର୍ଣ୍ଣ ସବୁଜ ପ୍ରାନ୍ତରର କାକରଧୁଆ ସକାଳ ।

କବିତା: କବିତାଶିଳ୍ପୀର ମାତାଲ୍ ଟିପଚିହ୍ନ, ଚଇତର ଚନ୍ଦନଚର୍ଚ୍ଚିତ ଚାନ୍ଦ, ଚତୁରୀର ଚଳଚଞ୍ଚଳ ଚୋରା ଚାହାଣି, ମୋ କବିତାର କଞ୍ଚାମାଲ୍ । ମଣିଷ ବଞ୍ଚୁଥିବା ପୃଥିବୀ, ନିଃଶ୍ୱାସ-ପ୍ରଶ୍ୱାସ ନେଉଥିବା ସମୟ, ଅଧାପାସୋରା ବିଗତ ଋତୁମାନଙ୍କ ଦରଲିଭା ଚିତ୍ର, ହୋଇପାରେ ମୋ କବିତାର ପରିଧି ।

ନିଷ୍ଠା ଓ ଦାୟିତ୍ୱବୋଧକୁ ମୂଳମନ୍ତ୍ର କରି ଭାବପ୍ରବଣତା ଠାରୁ ଦୂରତା ରକ୍ଷାକରି କ.ବ.ଚ ଇମିତି କିଛି ଗାରେଇ ଦେଇନି, ତହିଁରେ ଅଛି ଜୀବନର ସ୍ୱର, ବଂଶୀର ଧ୍ୱନି ଆଉ କୋଇଲିର କୁହୁ ।

ସାହିତ୍ୟ; ସୌଦାଗରର ବଣିଜ ନୁହେଁ, ନଟେଇର ଗୁଡ଼ି ନୁହେଁ, ସେ ସୀମାହୀନ ଆକାଶର ମୁକ୍ତ ଇଗଲ୍ ।

ମୋ ବିଫଳତା ଓ ବ୍ୟର୍ଥତାକୁ ମୁଁ ମୋ କାବ୍ୟଯାତ୍ରାରେ ବାରମ୍ବାର ଭେଟିଛି, ଯିଏ ମୋତେ କବିଟିଏ କରିଛି ବୋଲି ମୁଁ ଭାବେ । ସମାଜର ସ୍ୱର ହେଉଛି ସାହିତ୍ୟ । କବିତାଗୁଡ଼ିକୁ ସାହିତ୍ୟର ଦ୍ରୋଣ ଓ ଏକଲବ୍ୟ ଉଭୟେ ଭଲ ପାଇବେ; ଇମିତି, ଏତିକି, ମୁଁ ମୋ ନିଜକୁ ନିଜେ ଆଶ୍ୱାସନା ।

ଅରୂପର ପୁଣି ରୂପ କ'ଣ ମଣିମା !
ହାତ ନାଇଁ, ଗୋଡ଼ ନାଇଁ,
ଶୂନ୍ୟତା ତା' ଠିକଣା । ଚିରୁଡ଼ାଏ ହସ ତା' ଓଠରେ ଲେଖିଦେଲି । ଯେ ବୁଝିଲା ସେ ପାରିହେଇଗଲା, ତରିଗଲା । ଆଉ ଯିଏ ନ ବୁଝିଲା ନାଇଁ...! ଅନ୍ଧାରରେ ମୁଁ ଠୁକୁଠୁକୁ କରୁଥିଲି କାଠକୁ, ନିହାଣ, ମୁଗୁରରେ ! ଦେଖିଲି; ଶଙ୍ଖ, ଚକ୍ର, ଗଦା, ପଦ୍ମ ଚତୁର୍ଦ୍ଧାମୂରତି ! ଚକାଆଖି, ଚଉଦବ୍ରହ୍ମାଣ୍ଡ !

ମଣିମା କହୁଛନ୍ତି ଅଧାଗଢ଼ା ଦିଅଁ !
ଲୁହର ଉଷୁମ ଆଞ୍ଚରେ ତରଳିଯାଏ ମୋ ଅହଂକାର, କବିପଣିଆର ପରିଦାନ, ମାଦକମାୟା, ଘୁଞ୍ଚି ଯାଉଥିବା ପଦ୍ମ ଆଉ ମୃଗତୃଷ୍ଣା, କପଟ ପାଶାର କ୍ରୁରତା, ନଥିବାପଣର ଅସହାୟତା ।

ଆକାଶର ତାରା, ଗଛର ଗଙ୍ଗଶିଉଳି, ନିଦର ସ୍ୱପ୍ନ, ସକାଳକୁ ନ'ଥାଏ । ଅତଏବ ମୁଁ ଏଇ କବିତାକୁ ନେଇ ସ୍ୱପ୍ନ ଦେଖିବି କାହିଁକି ? ସୁଧୀ ପାଠକେ ଯାହା କହିବେ, ତାହା ହିଁ ମୋ ଗଜରା ।

କବି ନିର୍ଣ୍ଣୟ କରେ କବିତାର ସଂଜ୍ଞା ଓ ସ୍ୱରୂପ । ପାଠକେ ମୂଲ୍ୟାଙ୍କନ କରିବେ କବିତାର ଦାମ୍ । ଅନ୍ୟମନସ୍କ ମୁଁ ନିଜ ସମ୍ପର୍କରେ । କବିତାର ଅନନ୍ତ ଉଦଧିରେ ମୁଁ ଏକ ନିଖୋଜ ନାବିକର ଦୀର୍ଘଶ୍ୱାସ ।

ସମୟ ବୁଢ଼ା ହୁଏନି, ପୁରୁଣା ହୁଏନି ଜହ୍ନ । ଅତଏବ ମୋ କବିତା ରହିବ, ରହିଥିବ ଚିରସବୁଜ ଓ ନୂଆ ହେଇ ।

ମୋ ନିରାଶ ଓ ଅସହାୟତା ବେଳେ ଅନେକ ଈଶ୍ୱର ଭଳି ମୋ କାନ୍ଧରେ ହାତ ଥୋଇଦେଲେ, ସାନ୍ତ୍ୱନା ଦେଲେ, ମିଠା କଥାର ଉଦାରପଣରେ ଆଗେଇ ଯିବାର ଉତ୍ସାହ ଦେଲେ, ସେମାନଙ୍କ ନିକଟରେ ମୁଁ ଋଣୀ ।

ମୋ ଦୁର୍ଦ୍ଦିନର ବନ୍ଧୁ ବୈଷ୍ଣବ ଚରଣ ମହାନ୍ତିଙ୍କ ଉପଦେଶ ଓ ପରାମର୍ଶ ଟନିକ୍ ଭଳି କାମ ଦେଲା । ତାଙ୍କ ଯତ୍ନରେ ମୋ କବିତାର ସ୍ୱାସ୍ଥ୍ୟ । ସେ ମୋର ସ୍ମରଣୀୟ ।

କବି ଓ କଥାକାର ବିଷ୍ଣୁ ସାହୁଙ୍କ ମତାମତ ଏତେ ମୂଲ୍ୟବାନ ହେବ, ଆଶା କରିନଥିଲି । ତାଙ୍କ ପ୍ରେରଣା, ପ୍ରୋତ୍ସାହନ ଶୁଖିଲା କାଠରେ ଫୁଲପତ୍ର କଅଁଳେଇ ଦେଲା । ତାଙ୍କୁ ମୋର ବିନମ୍ର ପ୍ରଣାମ ।

ଗୋଲାପଟିଏ ଅକ୍ଷୟ ଭାଇଙ୍କୁ, ଇଂ ଅକ୍ଷୟ କୁମାର ବିଟ୍ ।

ରାତି ପାହିଲେ ତାଗଦା । କଣ ହେଲା, କେତେ ବାଟ ଗଲା ? ସେମାନେ ମୋ କବିତାର ପାଲଟଣା ଜାହାଜ ପାଇଁ ବତିଘର । ଶବ୍ଦ ପ୍ରେମରେ ପାଗଳ କବି ସତ୍ୟବାଦୀ ରାଉତ, କବି ଓ ନାଟ୍ୟକାର ରମେଶ ମଙ୍ଗରାଜ ଓ ଜୀଉ ସେବକ ହରିବନ୍ଧୁ ମଙ୍ଗରାଜଙ୍କୁ କୁହାର ।

ସିଏ ଅଦୃଶ୍ୟରେ ରହିଗଲେ ସମୟ ମୋତେ ସହିବନି । ଆରମ୍ଭରୁ ରଗେଇ, କଲମର ନିଦ ଭାଙ୍ଗି ଦେଉଥିବା ଶ୍ରଦ୍ଧେୟା ସାଗରିକା ବିଶ୍ୱାଳକୁ କଣ ବା ଦେଇହୁଏ, ଟିକିଏ ସ୍ନେହ ଛଡ଼ା ? ଚନ୍ଦନ ପରି ମୋ ଗାଳିକୁ ମଥେଇ ନିଏ ସେ । ତା' ବାଟରେ ଫୁଲ ଚନ୍ଦନ ପଡୁ ।

ସାନପୁଅ ଅମିତ୍ ଓ ଝିଅ ଅମ୍ରିତା ବିନା ଅଧୁରା ରହିଥା'ନ୍ତା ମୋ କବିତା ଯାତ୍ରା । ମୋର ଆଶିଷ ସେମାନଙ୍କୁ ।

ବାଦଲରୁ ବର୍ଷା ନ' ଝରିଥିଲେ, ଫୁଟିନ'ଥାନ୍ତା କଇଁ, ବହିନ'ଥାନ୍ତା ନଈ । ଏତେ ଧାଁ ଦଉଡ଼, ବ୍ୟସ୍ତତା ଭିତରେ ତାଙ୍କ ଉତ୍ସାହ ଅଭୁଲା । ଅନୁଜ ଯୁବକବି ଓ ପ୍ରକାଶକ ବାଦଲ ମହାନ୍ତିଙ୍କୁ ସୁମନାସ ।

+ କଣ୍ଟାବଣିଆ, ଛତ୍ରପଡା,
ପଥାତିପୁର, ଯାଜପୁର
(ମୋ) ୯୩୩୭୫୪୮୮୯୩

# ଗଣ ମାଧ୍ୟମ ଏବଂ ସାମ୍ବାଦିକ

ଇତିହାସରୁ ଆଜି ପର୍ଯ୍ୟନ୍ତ ସାମ୍ବାଦିକ ମାନେ ସମାଜ ର ଏକ ମୁଖ୍ୟ ଅଙ୍ଗ ସାଜିଛନ୍ତି । ଆଜିବି ସେମାନେ ନିଜ ସାମ୍ବାଦିକତା ବଳରେ ମାନବ ସମାଜ କୁ ବିଭିନ୍ନ ଖବର ଗୁଡିକ ପରିବେଷଣ କରୁଛନ୍ତି । କିନ୍ତୁ ଯୁଗ ପରିବର୍ତ୍ତନ ସାଙ୍ଗକୁ ବର୍ତ୍ତମାନ ଯୁଗରେ ମାନବ ସମାଜ ମଧ୍ୟରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ଗୁଡିକ ଉଚ୍ଚ ସ୍ଥାନ ଅଧିକାର କରିଛି । ଗଣମାଧ୍ୟମ ସଂସ୍ଥା ଗୁଡିକ ଅନେକ ଲାଭକାରୀ ସଂସ୍ଥା । ସେଥିପାଇଁ ଯେଉଁମାନେ ଗଣମାଧ୍ୟମ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ତିଆରି କରନ୍ତି, ଖବର କାଗଜ ବା ବିଭିନ୍ନ ପତ୍ରପତ୍ରିକାର ବିଷୟ ବସ୍ତୁ ସ୍ଥିର କରନ୍ତି, ସେମାନେ ସେ ସମସ୍ତ ଜିନିଷ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରିଥାନ୍ତି ଯାହା ସେମାନଙ୍କ ପାଠକ ବା ଦର୍ଶକ ମାନଙ୍କୁ ଅପମାନିତ କରିବା ବା ଭଲ ନ ଲାଗିବାର ସମ୍ଭାବନା ରଖିଥାଏ । କୌଣସି ବିଷୟରେ ଚରମ ମତବାଦ ଦର୍ଶକ ବା ପାଠକମାନଙ୍କୁ ନସୁହାଇବାର ସମ୍ଭାବନା ରଖିଥାଏ । ଏପରି କରି ଗଣମାଧ୍ୟମ ସଂସ୍ଥା ଟିଏ ନିଜ ରାଜସ୍ୱ ଲାଭ ଓ ପାଠକ ବା ଦର୍ଶକମାନଙ୍କୁ ହରେଇବା ପାଇଁ ଚାହେଁ ନାହିଁ । ମାତ୍ର ସାମ୍ବାଦିକତା ସମାଜ ପାଇଁ ଏକ ଦେବତାଙ୍କ ବରଦାନ ସଦୃଶ । ଗଣମାଧ୍ୟମ ଗୁଡିକ ମଧ୍ୟ ସାମ୍ବାଦିକତାର ପରିଚୟ ସୃଷ୍ଟି କରିଛି ଏହା କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଆଧୁନିକ ଯୁଗର ଗଣମାଧ୍ୟମ ଗୁଡିକ ଯେତେ ସରଳ ଓ ସୁବିଧା କରୁଛି ସେତେ ଆନୁଷଙ୍ଗିକ ପ୍ରଭାବ ମଧ୍ୟ ସୃଷ୍ଟି କରୁଛି ।

**ଗଣମାଧ୍ୟମକୁ ନେଇ ବହୁବାଦୀଙ୍କ ସିଦ୍ଧାନ୍ତ:**

ବହୁବାଦୀମାନଙ୍କ ମଧ୍ୟରେ ଉପଭୋକ୍ତା ମାନଙ୍କ ଚାହିଦା ହିଁ ଗଣମାଧ୍ୟମର ବିଷୟବସ୍ତୁ ସ୍ଥିର କରିଥାଏ । ସେଥିପାଇଁ ସେମାନେ ମତ ଦିଅନ୍ତି ଯେ ସୂଚନାର ପରିଚାଳନା ଗଣମାଧ୍ୟମର ମାଲିକମାନଙ୍କର ଦାୟିତ୍ୱ । ଦର୍ଶକ ବା ପାଠକମାନେ ଯାହା ଦେଖିବାକୁ, ଶୁଣିବାକୁ ବା ପଢିବାକୁ ଚାହୁଁଛନ୍ତି ସେହି ପ୍ରକାର ର ବିଷୟବସ୍ତୁ ହିଁ ଗଣମାଧ୍ୟମର ମାଲିକମାନେ ଯୋଗାଇଦେବା ଉଚିତ୍ ବୋଲି ବହୁବାଦୀଙ୍କ ମତ । ଏହାଛଡା ସେମାନଙ୍କ ମତରେ ସମ୍ପାଦକ, ସାମ୍ବାଦିକ ଓ ପ୍ରସାରକମାନଙ୍କ ଉଚ୍ଚ ପେଶାଦାର ମୂଲ୍ୟ ରହିବା ଆବଶ୍ୟକ ।

**ଗଣମାଧ୍ୟମର ଆଗମନ ଦ୍ୱାରା ହେଉଥିବା ସୁବିଧା :**

ପୂର୍ବରୁ ଯେତେବେଳେ ଗଣମାଧ୍ୟମର ଉଦ୍ଭାବନ ହୋଇନଥିଲା ସେତେବେଳେ ସାମ୍ବାଦିକ ବନ୍ଧୁମାନେ ଖବର ଗୁଡିକ ସଂଗ୍ରହ କରି ତାହା ପ୍ରେସ୍‌ରେ ଖବର କାଗଜ ପାଇଁ ଦେଉଥିଲେ । ଆଜିବି ସେ ପ୍ରଥା ଚାଲିଛି । ଅନେକ ସାମ୍ବାଦିକ ଭାଇମାନେ ମଧ୍ୟ ଘଟଣା ଗୁଡିକ ର ପ୍ରତ୍ୟକ୍ଷ ଦର୍ଶନ କରି ସମ୍ବାଦ ସଂଗ୍ରହ କରି ସମ୍ବାଦ ପତ୍ର ପ୍ରେସ ରେ ସମ୍ବାଦ ପତ୍ର / ପତ୍ରିକା ର ଦୈନିକ, ସାପ୍ତାହିକ ବା ମାସିକ ବିଶେଷାଙ୍କ ପାଇଁ ଦେଉଛନ୍ତି । ଯେତେବେଳେ ମର୍କୋନୀଙ୍କ ଦ୍ୱାରା ରେଡ଼ିଓର ଉଦ୍ଭାବନ ହୋଇଥିଲା ସେତେବେଳେ ସାମ୍ବାଦିକତା ଆଉ ଏକ ପାଦ ଉପରକୁ ଉଠିଥିଲା । ସେତେବେଳେ ପେପର୍ ପ୍ରେସ ଦ୍ୱାରା ଖବର କାଗଜ ବାହାରିବା ସଙ୍ଗେ ରେଡ଼ିଓରେ ବିଭିନ୍ନ ଚେନାଲ୍ ଗୁଡିକ ମଧ୍ୟ ଆଗେଇ ଆସିଲେ ଖବର ପରିବେଷଣ କରିବା ପାଇଁ । ଖବର ଶ୍ରୋତା ମାନଙ୍କୁ ସହଜ ମଧ୍ୟ ହୋଇ ଯାଇଥିଲା ପରେ ପରେ ଯେତେବେଳେ ଟେଲିଭିଜନ ର ଉଦ୍ଭାବନ ହୋଇଥିଲା, ଗଣମାଧ୍ୟମ କ୍ଷେତ୍ରରେ ଟେଲିଭିଜନର ଉଦ୍ଭାବନ ମଧ୍ୟ ଖବର ଶ୍ରୋତା ବା ପାଠକମାନଙ୍କ ପାଇଁ ଦେବତାଙ୍କ ବରଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ । ପୂର୍ବରୁ ଖବର କାଗଜରେ ଖବର ପଢୁଥିଲେ । ପରେ ରେଡ଼ିଓ ଯୁଗରେ ଶୁଣୁଥିଲେ ଏବେ କିନ୍ତୁ ସିଧା ସଳଖ ଟେଲିଭିଜନ ସାହାଯ୍ୟରେ ଦେଖିପାରିଲେ । ମାନବ ସଭ୍ୟତା ଉନ୍ନତି ସାଙ୍ଗକୁ ଗଣମାଧ୍ୟମ ମଧ୍ୟ ଉନ୍ନତି ହେବାରେ ଲାଗିଲା । ମୋବାଇଲ ଫୋନର ଉଦ୍ଭାବନ ସାଙ୍ଗକୁ ଇଣ୍ଟରନେଟ୍‌ର ଉଦ୍ଭାବନ ହେଲା ଯାହା ଫଳରେ ଖବରର ସିଧା ପ୍ରସାରଣ ମଧ୍ୟ ହୋଇପାରିଲା । ମୋବାଇଲ ଫୋନ ସାହାଯ୍ୟରେ ମଧ୍ୟ ଏବେ ସହଜରେ ପୃଥିବୀ କୋଣ ଅନୁକୋଣରେ ଖବର ଦେଖିବା ଓ ଜାଣିବା ସମ୍ଭବପର ହୋଇପାରିଛି ।

**ଆନୁଷଙ୍ଗିକ ପ୍ରଭାବ**

ଗଣମାଧ୍ୟମ ସମ୍ବାଦ ଗୁଡ଼ିକର ପରିବେଷଣ ପାଇଁ ଯେତେ ସହଜ ଓ ସୁବିଧା ଯୋଗାଇ ଦେଉଛି, ସେତେ ତାର ଆନୁଷଙ୍ଗିକ ପ୍ରଭାବ ମଧ୍ୟ ପଡୁଛି । ପୂର୍ବରୁ ଲୋକେ ଖବର କାଗଜ ଗୁଡିକ ପଢୁଥିଲେ ଓ ରେଡ଼ିଓରେ ଖବର ଶୁଣୁଥିଲେ କିନ୍ତୁ ଯେତେବେଳେ ମୋବାଇଲ, ଟେଲିଭିଜନ ଭଳି ଗଣମାଧ୍ୟମ ଗୁଡିକ ଆସିଲା ସେତେବେଳେ ଅନେକ ସଂସ୍ଥା ଗୁଡିକ ଗଣମାଧ୍ୟମ ସାହାଯ୍ୟରେ ମନୋରଞ୍ଜନ କରିବା ଓ ଆର୍ଥିକ ଲାଭ କରିବାର ନୂଆ ବାଟ ପାଇଗଲେ । ଅନେକ ଚେନ୍ୟାଲ୍ ଗୁଡିକର ଆବିର୍ଭାବ ହେଲା ଓ ଖବର ପରିବର୍ତ୍ତେ ଅନେକ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଗୁଡିକ ପରିବେଷଣ କରାଗଲା ଫଳରେ ଲୋକମାନେ ଖବର ପରିବର୍ତ୍ତେ ମନୋରଞ୍ଜନ ଆଡ଼କୁ ଅଗ୍ରସର ହେଲେ । ଏହି ଗଣମାଧ୍ୟମ ମଧ୍ୟ ଛୋଟ ଛୁଆଙ୍କ ଉପରେ ଅନେକ ପ୍ରଭାବିତ କରୁଛି । ମୋବାଇଲ ଏକ ମାଧ୍ୟମ ଯାହା ପଢୁଆ ପିଲାମାନଙ୍କୁ ଆଜିକାଲିକା ଯୁଗରେ ବିଶେଷ ଭାବରେ ପ୍ରଭାବିତ କରିଛି ଫଳରେ ପିଲାମାନେ ଅସଙ୍ଗତକୁ ସଙ୍ଗତ କରି ଅବାଟକୁ ଚାଲି ଯାଉଛନ୍ତି । ବିଉଶାଳୀ ବ୍ୟକ୍ତି ମାନେ ମଧ୍ୟ ସମ୍ବାଦକୁ ମହତ୍ୱ ଦେଉନାହାନ୍ତି । ଫଳରେ ସାମ୍ବାଦିକତା ଧୀରେ ଧୀରେ କମିବାକୁ ଲାଗିଲା । କିନ୍ତୁ ସାମ୍ବାଦିକତା ହେଉଛି ଅମୃତ ସଦୃଶ, ଏହାର ଅନ୍ତ ନାହିଁ । ଯେତେ ଯାହା ମନୋରଞ୍ଜନର ମାଧ୍ୟମ ଆସିଲେ ମଧ୍ୟ ଗଣମାଧ୍ୟମ ଗୁଡ଼ିକରେ ପ୍ରସାରିତ ହେଉଥିବା ସମ୍ବାଦର ଶେଷ ନାହିଁ ।

ଦିନେଶ ମେହେର
ପଳାସ, କଳାହାଣ୍ଡି ।
ମୋ - ୮୦୧୮୮୨୮୪୫୬

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

# ବମ୍ ଫୁଲ୍ ବୁଖାରା

ଦୀପକ ରଂଜନ ମିଶ୍ର

## ॥ ଦେହଧର୍ମରେ କଟକଣା ॥

୧୯୧୧ ମସିହା ଜୁଲାଇ ୪ ତାରିଖ ଦିନ 'ଏସ୍ ଏସ୍ ମହାରାଜା' ଆଣ୍ଡାମାନରେ ଆସି ପହଞ୍ଚେ । ପ୍ରାକୃତିକ ସବୁଜିମା ଭରା ଦ୍ୱୀପଟି ଜାହାଜ ଉପରୁ ଖୁବ୍ ସୁନ୍ଦର ଦେଖାଯାଉଥାଏ । ହେଲେ କୌଣସି ବନ୍ଦୀ ମୁହଁରେ ପାଣି ନାହିଁ । ସମସ୍ତେ ଆତଙ୍କିତ ଅବସ୍ଥାରେ ଥାଆନ୍ତି । ନିଜ ନିଜ ବିଛଣାକୁ ମୁଣ୍ଡରେ ମୁଣ୍ଡେଇ, ହାତରେ ଥାଳିଗିନା ଧରି, ଧାଡ଼ିବାନ୍ଧି ସେମାନେ ଜାହାଜରୁ ଓହ୍ଲାନ୍ତି । ପାଦ ଓ ହାତରେ ବନ୍ଧା ଲୁହା ଜଞ୍ଜିର ଝଣ୍‌ଝାଣ୍ ଝଣ୍‌ଝାଣ୍ ଶବ୍ଦ କରି ପରିସ୍ଥିତିକୁ ଆହୁରି ଗମ୍ଭୀର କରି ତୋଳୁଥାଏ । ସାବରକରଙ୍କୁ କିନ୍ତୁ ଦୁଇଜଣ ଗୋରା ସର୍ଜେଣ୍ଟ ଅଲଗା ଆଣି ଜେଲ ଭିତରେ ବେରୀ ସାହେବ୍‌ଙ୍କ ଆଗରେ ପହଞ୍ଚାଇ ଦିଅନ୍ତି । ପୃଥୁଳ କାୟା ବିଶିଷ୍ଟ ପଞ୍ଚହତା ମଣିଷ, ଡେଭିଡ୍ ବେରୀ ଥାଆନ୍ତି ସେଲ୍ୟୁଲାର ଜେଲ୍‌ର ଜେଲର୍ । ସାକ୍ଷାତ୍‌ରେ ମୁରୁକି ହସି ସେ ପଚାରନ୍ତି, "ତୁମେ କ'ଣ ସେଇ ବ୍ୟକ୍ତି ଯିଏ ମର୍ସେଲିସ୍‌ରେ ଜାହାଜରୁ ଡେଇଁ ପଳାଇବାକୁ ଚେଷ୍ଟା କରୁଥିଲ ? ଏଠି କିନ୍ତୁ ସେଭଳି ଭୁଲ୍ କେବେ କରିବନି । ଏଇଟା ଆଣ୍ଡାମାନର ସେଲ୍ୟୁଲାର ଜେଲ୍ । ସେମିତି ଉଦ୍ୟମ ମାନେ କରେଇରୁ ମାଛ ଡେଇଁ ସିଧା ଚୁଲୀରେ ପଶିବା । ଏଇଠୁ ଛ'ଶହ କିଲୋମିଟର ଦୂରରେ ସ୍ଥଳଭାଗ । ଜେଲ୍‌ର ନିୟମ ମାନି ଚଳିବ ନହେଲେ ଆଛା ଆଛା ଲୋକକୁ ଭାଙ୍ଗିବାର ଅଭିଜ୍ଞତା ଆମଠାରେ ଅଛି । ବାରିଷ୍ଟର ଲୋକ, ମୋ କଥାକୁ ବୁଝି ପାରୁଥିବ ନିଶ୍ଚିତ ।" ସୀମିତ ବାର୍ତ୍ତାଳାପ ପରେ ସେ ଜମାଦାରଙ୍କୁ ଆଦେଶ ଦିଅନ୍ତି ତାଙ୍କୁ ସାତ ନମ୍ବର ବ୍ଲକ୍‌ର ତୃତୀୟ ତଳରେ ଥିବା ତୃତୀୟ କୋଠରୀରେ ନେଇ ବନ୍ଦ କରିଦେବାପାଇଁ ।

ସାବରକରଙ୍କୁ ସାଙ୍ଗରେ ନେଇ ଗଲାବେଳେ ଜମାଦାର ଗୋଟିଏ ପାଣିଟାଙ୍କି ପାଖରେ ଅଟକିଯାଇ ତାଙ୍କୁ ଶୀଘ୍ର ଗାଧୋଇବା ପାଇଁ ଆଦେଶ ଦିଏ । ହେଲେ ଗାମୁଛା ନଥିବାରୁ ସେ ଗାଧୋଇବେ କେମିତି ? ଯାହା ପିନ୍ଧିଛନ୍ତି ସେତକ ହିଁତ ତାଙ୍କ ପାଖରେ ଅଛି । ଜମାଦାର ଗୋଟେ ଛୋଟ ଲେଙ୍ଗୁଟି ବଢ଼େଇ ଦିଏ ତାକୁ ପିନ୍ଧି ଗାଧୋଇବା ପାଇଁ । ଚାରି ପାଞ୍ଚଦିନ ହେଲା ଜାହାଜରେ ଯାତ୍ରା କାଳରେ ଆଦୌ ଗାଧୋଇ ନଥିବାରୁ ଦେହ ଅଠା ଅଠା ହୋଇଯାଇଥାଏ । ପାଣି ଦେଖି ଭାରି ଖୁସି ହୋଇ ସବୁ କପଡ଼ା ଖୋଲି ରଖିଦେଇ ଲେଙ୍ଗୁଟିଟି ବାନ୍ଧି ପକାଇ ଟାଙ୍କି ପାଖକୁ ଯାଅନ୍ତି । ହାତରେ ଧରିଥିବା ଲୁହା ଡାଟିଆକୁ ପାଣିରେ ବୁଡ଼ାଇବା ବେଳେ ଜମାଦାର ଚିତ୍କାର କରିଉଠେ । ସ୍ୱେଚ୍ଛାରେ ଏଠି ପାଣି ଢାଳିବା ମନା । ଜମାଦାର ଆଦେଶ ଦେଲେ ହିଁ ଡାଟିଆରେ ପାଣି ବୁଡ଼ାଇବାର ନିୟମ ଅଛି । ଏଠି ପାଣି ନଷ୍ଟ କରାଯାଇ ପାରିବନି । ପ୍ରଥମେ ଡାଟିଆଏ ପାଣି ନେଇ ଦେହ ଉପରେ ଢାଳି ଘଷାଘଷି କରୁଥିବ, ଜମାଦାର "ଲୋ ପାନି" କହିଲେ ଯାଇ ଡାଟିଆ ବୁଡ଼ାଇବ ଟାଙ୍କିରେ । ମାତ୍ର ତିନି ଡାଟିଆ ପାଣିରେ ଗାଧୁଆ ସରିବ । ହେଲେ ମୁଣ୍ଡରୁ ଢାଳିବା ବେଳେ ଆଖିରେ ପାଣି ପଶିବାରୁ ଆଖି ଜଳାଇବାକୁ ଲାଗେ । କାହିଁକି ଜଳାଇଲା ବୋଲି ଭାବୁ ଭାବୁ କୁଳି କଲାବେଳକୁ ଲୁଣିଆ ଲାଗିବାରୁ ମୁହଁ ବିକୃତ ହୋଇଯାଏ । ସେ ଜମାଦାରକୁ ପାଣି କାହିଁକି ଲୁଣିଆ ଲାଗୁଛି ବୋଲି ପଚାରିବାରୁ ଓଲଟି ଜମାଦାର ପ୍ରଶ୍ନକରେ ସମୁଦ୍ର ପାଣି କେବେ ମିଠା ଲାଗେ କି ବୋଲି ? ପିଇବା ପାଣିର ଅଭାବ ଯୋଗୁଁ ଗାଧୋଇବା ତଥା କପଡ଼ା କାଚିବା ପାଇଁ ସମୁଦ୍ର ପାଣି ହିଁ ବ୍ୟବହାର କରାହେଉଥାଏ । ସେଇ ପାଣିରେ ଗାଧୋଇ ସାରା ଶରୀର ଚିପ୍‌ଚିପା ହୋଇଯାଏ । ବାଳ ଗୁଡ଼ିକ ପରସ୍ପର ଲାଖିଯାଇ ଭାରି ଅସ୍ୱସ୍ତିକର ବୋଧ ହୁଏ । ନଗାଧୋଇଥିଲେ ଭଲ ହୋଇଥାନ୍ତା । ହେଲେ କେତେଦିନ ବା ଜଣେ ନଗାଧୋଇ ରହି ପାରିବ ? ଲୁଣିପାଣିରେ ଗାଧୋଇବାର ଅଭ୍ୟାସ କରିବାକୁ ବାଧ୍ୟ । ରାଷ୍ଟ୍ରୀୟ ପାପର କ୍ଷାଳନ ଭଲ ସାବୁନ୍, ସୁଗନ୍ଧିତ ତେଲ, ଉଷୁମ୍ ପାଣି ତଥା ସଂସ୍କୃତ ସଂକଳ୍ପ ଦ୍ୱାରା ନହୋଇ "ଲୋ ପାନି" ଭଳି କଠୋର ସଂକଳ୍ପ ଦ୍ୱାରା ତିନି ଡାଟିଆ ଲୁଣି ପାଣିରେ ହିଁ ହେବ ସାରା ଜୀବନ ।

ଯେଉଁ ବନ୍ଦୀମାନେ ସେଠିକା ଅଧିକାରୀଙ୍କ କଥାରେ ଉତ୍‌ବସ୍ ହୁଅନ୍ତି ତଥା ତାଙ୍କ ପାଖରେ ସାଥୀ ବନ୍ଦୀମାନଙ୍କର ଚୁଗୁଲି କରନ୍ତି ସେମାନଙ୍କୁ ସେଠାରେ ୱାର୍ଡ଼ର ଭାବେ ନିଯୁକ୍ତ କରାଯାଏ । ହିନ୍ଦୁ କୈଦୀମାନଙ୍କ ଦେଖାଶୁଣା ପାଇଁ ନିଯୁକ୍ତ ହୋଇଥାନ୍ତି ପଠାଣ ୱାର୍ଡ଼ର । କାଫେର୍‌ମାନଙ୍କ ପ୍ରତି ଉଦାରଭାବ ପ୍ରଦର୍ଶନ କରିବା ତାଙ୍କ ଧର୍ମର ବିରୁଦ୍ଧାଚରଣ ବୋଲି ଭାବୁଥିବାରୁ ସେମାନେ ଅଧିକ ନିର୍ଯ୍ୟାତନା ଦେଉଥାନ୍ତି ହିନ୍ଦୁ କୈଦୀମାନଙ୍କୁ । ସେଇଭଳି ତିନିଜଣ ୱାର୍ଡ଼ରଙ୍କୁ ନିଯୁକ୍ତ କରାହୋଇଥାଏ ସାବରକର ରହୁଥିବା ସେଇ ସପ୍ତମ ବ୍ଲକ୍‌ର ତୃତୀୟ ମହଲାର ଦେଖାଶୁଣା କରିବା ପାଇଁ । ଯାତ୍ରାକାଳର କ୍ଲାନ୍ତି ଯୋଗୁଁ ପ୍ରଥମ ଦିନ କେମିତି ନିଦ ହୋଇଯାଏ ଜାଣି ପାର

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୬ ଫେବୃଆରୀ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ସ୍ମରଣୀୟେଷୁ

# ହଣ୍ଡ୍ରେଡ୍ ସେଭେନ୍ ଆଣ୍ଡ୍ ନଟ୍ ଆଉଟ୍

ସାଧାରଣ ମଣିଷ ଟିଏ ର ବୟସ ବଢିବା ସହିତ କାର୍ଯ୍ୟଦକ୍ଷତା କମି କମି ଆସେ କିନ୍ତୁ କିଛି କିଛି ଏମିତି ମଣିଷ ଥାଆନ୍ତି ଯେଉଁ ମାନେ ବୟସକୁ କେବଳ ଗୋଟିଏ ସଂଖ୍ୟା ବୋଲି ମନେ କରନ୍ତି । ଜନ୍ମ ହୋଇ ପିଲାରୁ ବୁଢା ହେବା ସେମାନଙ୍କ ପାଇଁ ଜୀବନର କେବଳ ଗୋଟିଏ ଆବର୍ତ୍ତନ ବୋଲି ମନେ କରନ୍ତି । କଠିନ ପରିଶ୍ରମ କରି ସୁସ୍ଥ ନିରାମୟ ଜୀବନଯାପନ କରିବା ସେମାନଙ୍କ ଲକ୍ଷ୍ୟ ହୋଇଥାଏ । ସେଇ ବିରଳ ମଣିଷଙ୍କର ଭିତରୁ ଜଣେ ହେଲେ ତାମିଲନାଡୁ ରାଜ୍ୟର କୋଏମ୍ବାଟୁର ସହର ଅଦୂରବର୍ତ୍ତୀ ଏକ ଗ୍ରାମ ଥେକମପଟ୍ଟି ର ଶତାୟୁ ମହିଳା ଶ୍ରୀମତୀ ଆର୍ ରଙ୍ଗାମ୍ମା ଓରଫ ପାପ୍ପାମଲ୍ । ଯିଏ ଆଜି ନିଜର ଦୃଢ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ଶହେସାତ ବର୍ଷ ବୟସରେ ମଧ୍ୟ ସଂପୂର୍ଣ୍ଣ ସୁସ୍ଥ, କାର୍ଯ୍ୟକ୍ଷମ ଅଛନ୍ତି । ନିଜ କ୍ଷେତରେ କାମ କରିବା ସହିତ ନିଜ ଗ୍ରାମର ପରିବେଶ ସୁରକ୍ଷିତ ରଖିବାରେ ସଫଳ ହୋଇଛନ୍ତି । ଜୈବସାର ପ୍ରୟୋଗ କରି ନିଜର ଅଢେଇ ଏକର ଜମିରେ ସୁନା ଫଳାଉଛନ୍ତି । ଆଠଶହ ବରଗଛ ଲଗାଇ ନିଜ ଗ୍ରାମକୁ ବାୟୁ ପ୍ରଦୂଷଣ ରୁ ରକ୍ଷାକରି 'ବରଗଛର ମାଆ' ବୋଲାଉଥିବା ଏହି ବିଚକ୍ଷଣା ବର୍ଷିୟସୀ ମହିଳାଙ୍କ କାର୍ଯ୍ୟ କୁ ପସନ୍ଦ କରି ଭାରତ ସରକାର ଦୁଇ ହଜାର ଉଣେଇଶି ମସିହା ରେ ତାଙ୍କୁ କୃଷି ନିମନ୍ତେ ସମ୍ମାନଜନକ 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ କରିଛନ୍ତି । ଦିନେ ସ୍ୱଳ୍ପଶିକ୍ଷିତା ଅପରିଚିତା ଏହି ମହିଳା ଏବେ ସାରା ଦେଶର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସୋସିଆଲ୍ ମିଡିଆ ଆଜି ତାଙ୍କ ପଛରେ ଧାଇଁଛି ତାଙ୍କର ଫଟୋ, ସାକ୍ଷାତକାର ନେବା ପାଇଁ । ଖୁବ୍ ଆନନ୍ଦିତ ହେଉଛନ୍ତି ସିଏ ଏମିତି ସମ୍ମାନଟିଏ ପାଇ ।

ରଙ୍ଗାମ୍ମାଙ୍କର ଜନ୍ମ ପରାଧୀନ ଭାରତବର୍ଷର ମାନ୍ଦ୍ରାଜ୍‌ର ଏକ ଅଖ୍ୟାତ ପଲ୍ଲୀରେ । ସେତେବେଳେ ନାରୀଶିକ୍ଷା ସଂପୂର୍ଣ୍ଣ ନିଷିଦ୍ଧ ଥିଲା । ଝିଅମାନେ ସ୍କୁଲ୍ କୁ ଯାଉନଥିଲେ । ବିବାହିତା ନାରୀ ମାନେ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହୁଥିଲେ । ଖୁବ୍ ବେଶୀ ରେ ତାଙ୍କର ରୋଷେଇବାସରେ ମାଆଙ୍କୁ ଆଉ କୃଷିକର୍ମ ରେ ବାପାଙ୍କୁ ସାହାଯ୍ୟ କରିବା ଯାଏଁ ସ୍ୱାଧୀନତା ଥିଲା ।ସେଇ ସମୟରେ ଶ୍ରୀଅକ୍ଷର ବିବର୍ଜିତା ରଙ୍ଗାମ୍ମା ମାତ୍ର ତେର ବୟସରେ ଶାଶୁଘରକୁ ଆସିଲେ । ବାପ ଘରେ ଖୁବ୍ ପନିପରିବା ଚାଷ ହେଉଥିଲା ତେଣୁ ଚାଷବାସରେ ଖୁବ୍ ଆଗ୍ରହ ଥିଲା ତାଙ୍କର । ଶାଶୁଘରେ ବସି ରହିବାକୁ ଭଲ ଲାଗୁ ନଥିଲା ତେଣୁ ନିଜ ଘର ପଛପଟ ବାଡିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କଲେ ସେ । ନିଜ ପଟାଳି ମାନଙ୍କରେ ଜୈବଖତ (ଗୋବର) ପ୍ରୟୋଗ କରି ଖୁବ୍ ଭଲ ପନିପରିବା ଫଳାଇଲେ ରଙ୍ଗାମ୍ମା । ନିଜ ପରିବାରର ଚାହିଦା ମେଣ୍ଟାଇବା ପରେ କିଛି କିଛି ସ୍ଥାନୀୟ ବାସିନ୍ଦା ମାନଙ୍କୁ ବିକ୍ରି କରି ଆଉ ଦି'ପଇସା ଅଧିକ ରୋଜଗାର ହେଲା । କିଛି ଦିନ ମଧ୍ୟରେ ହାତରେ କିଛି ଟଙ୍କା ସଂଚିତ କରି ନିଜ ଘରକୁ ଲାଗି ଦୁଇ ଏକର ଜମି କିଣି ସେଥିରେ କଦଳୀ, ଭେଣ୍ଡି, ମକା, ମାଣ୍ଡିଆ ଇତ୍ୟାଦି ଚାଷ କରିବା ଆରମ୍ଭ କରିଦେଲେ । ବାହାଘର ର ଅନେକ ଦିନ ପରେ ମଧ୍ୟ ତାଙ୍କର ସନ୍ତାନ ସନ୍ତତି ନହେବାରୁ ସ୍ୱାମୀ ଟିକିଏ ଦୁଃଖ କରୁଥିଲେ । ହେଲେ ରଙ୍ଗାମ୍ମାଙ୍କର ମନରେ କୌଣସି ଅବଶୋସ ନଥିଲା । ସେ ତାଙ୍କ ଗାଆଁର ପଡିଆ ଜମିରେ କିଛି ବରଗଛ ଲଗାଇ ତା'ର ରକ୍ଷଣାବେକ୍ଷଣ କରୁଥିଲେ । ସେଇ ଗଛ ମାନଙ୍କୁ ନିଜର ସନ୍ତାନ ଭଳି ପାଳନପୋଷଣ କରୁଥିଲେ ।ପରେ ପୋଷ୍ୟ ପୁତ୍ରଟିଏ ଗ୍ରହଣ କରି ନିଜର ମାତୃତ୍ୱରେ ପୂର୍ଣ୍ଣତା ଆଣିଥିଲେ ।

ତାଙ୍କର ଶ୍ୱଶୁରଙ୍କର ନିଜର ସେମିତି କିଛି ବିଶେଷ ଜମିବାଡି ନଥିଲା । ସ୍ୱାମୀ ଅନ୍ୟ ମାନଙ୍କ ଜମିରେ ଭାଗଚାଷ କରୁଥିଲେ । ପରେ ନିଜ ବାପଘରୁ ଉତ୍ତରାଧିକାରୀ ସୂତ୍ରରେ ଅଢେଇ ଏକର ଜମି ପାଇଥିଲେ । ଧୀରେ ଧୀରେ ସ୍ୱାମୀଙ୍କୁ ତାଙ୍କର କ୍ଷେତକାମରେ ସାହାଯ୍ୟ କଲେ ରଙ୍ଗାମ୍ମା । ସେ ଅର୍ଥ ଅଭାବରୁ ପାରମ୍ପରିକ ଖତ ଏବଂ ଚାଷ ଅଳିଆରୁ ଖତ ତିଆରି କରି ଜମିରେ ଦେଉଥିଲେ ତଥାପି ଖୁବ୍ ଭଲ ଉତ୍ପାଦନ ହେଉଥିଲା ଜମିରୁ । ରାସାୟନିକ ସାର କିଣିବା ପାଇଁ ସାମର୍ଥ୍ୟ ନଥିଲା ତାଙ୍କର, ସେଇ ସବୁ ସାର ପ୍ରୟୋଗ କଲେ ଜମିରେ ଉର୍ବରତା ନଷ୍ଟ ହୁଏ ବୋଲି ଧାରଣା ମଧ୍ୟ ଥିଲା । ପଚାଶ ବର୍ଷର ହେଲା ବେଳକୁ ସେ ଦଶ ଏକର ଜମିର ମାଲିକାଣି ହୋଇପାରିଥିଲେ । ତାଙ୍କ ଗାଆଁ ଏବଂ ଆଖପାଖ ଗାଆଁ ର ଲୋକମାନେ ସମସ୍ତେ ଆଗ୍ରହୀ ହେଉଥିଲେ ତାଙ୍କ ଚାଷ ପଦ୍ଧତି ବିଷୟରେ ଜାଣିବା ପାଇଁ । ନିଜ ଅଭିଜ୍ଞତାକୁ ଖୁସିରେ ଜଣାଉଥିଲେ ସେ ଅନ୍ୟମାନଙ୍କୁ । ତାଙ୍କର ସୁଖ୍ୟାତି ବଢି ଚାଲିଥିଲା । ତାମିଲନାଡୁର କୃଷି ବିଶ୍ୱବିଦ୍ୟାଳୟରୁ ମଧ୍ୟ ଗବେଷକ ମାନେ ଆସି ଶିଖୁଥିଲେ ତାଙ୍କର ଚାଷ ପ୍ରଣାଳୀ । ସେଇ ଚାଷକୁ 'ଅର୍ଗାନିକ୍ ଫାର୍ମିଂ' କହନ୍ତି ବୋଲି ଖୁବ୍ ଡେରିରେ ଜାଣିଲେ ରଙ୍ଗାମ୍ମା । କୃଷି ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ନିମନ୍ତ୍ରଣ କରାଯାଉଥିଲା ବିଭିନ୍ନ ସ୍ଥାନରେ ଯାଇ ତାଙ୍କର ଚାଷ ପ୍ରଣାଳୀର ପ୍ରଚାର ଓ ପ୍ରସାର କରିବା ପାଇଁ । କ୍ରମେ କ୍ରମେ ସେ ଜଣେ ଉନ୍ନତ କୃଷି ବିଦ୍ ଭାବରେ ପରିଗଣିତ ହୋଇଥିଲେ ସାରା ରାଜ୍ୟରେ ।

ତାଙ୍କର କଠୋର ପରିଶ୍ରମ ଏବଂ ଦୃଢ ବ୍ୟକ୍ତିତ୍ୱ ସମସ୍ତଙ୍କୁ ପ୍ରଭାବିତ କରୁଥିଲା ।ଇତି ମଧ୍ୟରେ ସେ ନିଜ ଚେଷ୍ଟାରେ ନିଜେ ପାଠପଢି ଶିକ୍ଷିତ ହେବା ସହିତ ଗ୍ରାମର ଅନ୍ୟ ମହିଳାମାନଙ୍କୁ ମଧ୍ୟ ସାକ୍ଷର କରି ପାରିଥିଲେ । ଯେତେବେଳେ ତାଙ୍କୁ ପଇଁତ୍ରିଶ୍ ବର୍ଷ ହୋଇଥିଲା ସେତେବେଳେ ପ୍ରଥମ କରି ରଙ୍ଗାମ୍ମା ତାଙ୍କ ଗାଆଁର ମହିଳା ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିଲେ । ଚାଷ ଏବଂ ପ୍ରକୃତି ର ସୁରକ୍ଷା ପାଇଁ ସେ ସର୍ବଦା ତତ୍ପର ରହୁଥିଲେ । ଭୋର୍ ତିନିଟା ବେଳରୁ ତାଙ୍କ ଦିନଚର୍ଯ୍ୟା ଆରମ୍ଭ ହୁଏ । ସେଇ ସମୟରୁ ଶଯ୍ୟା ତ୍ୟାଗ କରି ସେ ନିଜର ନିତ୍ୟକର୍ମ ସାରି ବାହାରି ଯାଆନ୍ତି ନିଜ କ୍ଷେତ ରେ କାମ କରିବା ପାଇଁ । ନିଜେ କଠୋର ପରିଶ୍ରମ କରିବା ସହିତ ଅନ୍ୟ ମାନଙ୍କୁ ମଧ୍ୟ କଠୋର ପରିଶ୍ରମ କରାଇଥାଆନ୍ତି । ଆଳସ୍ୟ ତାଙ୍କ ପାଖ ମାଡି ନାହିଁ । ନିଜର ଖାଦ୍ୟପେୟ ରେ ମଧ୍ୟ ଖୁବ୍ ଶୃଙ୍ଖଳିତ ରଙ୍ଗାମ୍ମା । ସେଥିପାଇଁ ଆଜି ଶହେ ସାତ ବର୍ଷରେ ମଧ୍ୟ ସେ ସେମିତି କର୍ମଚଞ୍ଚଳ ଅଛନ୍ତି । ଆଜି ମଧ୍ୟ ସେମିତି ରାତି ତିନିଟାରୁ ଉଠି ନିଜର ନିତ୍ୟକର୍ମ ସାରି ହାତରେ କୋଡିଟିଏ ଧରି ବାହାରି ଯାଆନ୍ତି କ୍ଷେତକୁ କାମ କରିବା ପାଇଁ । କଠିନ ପରିଶ୍ରମ କରନ୍ତି । ତାଙ୍କର ଏଇ ବୟସରେ ଏମିତି ସୁସ୍ଥ ରହିବାର କାରଣ ପଚାରିଲେ ସେ ମନଖୋଲି ହସନ୍ତି ଆଉ କୁହନ୍ତି ...

'ପିଲାଟି ଦିନରୁ ମୁଁ ନିମ୍ବ ଦାନ୍ତକାଠି ରେ ଦାନ୍ତ ଘଷି ଆସୁଛି । ପ୍ରତ୍ୟହ ସକାଳେ ମାଣ୍ଡିଆ, ଗହମ, ଛତୁଆ କରି ଦହିରେ ଗୋଳାଇ ଜଳଖିଆ କରି ଆସୁଛି । ଦିନବେଳେ ସବୁଜ ପନିପରିବା ତରକାରୀ ସହିତ ଦହି ହାତ ଖାଇ ଆସୁଛି । ରାତିରେ ରୁଟି, ଡାଲି ଆଉ ପରିବା ତରକାରୀ ଖାଇବା ମୋର ଅଭ୍ୟାସ । ଜୀବନରେ କେବେବି ବାହାର ଜିନିଷ କିମ୍ବା ଜଙ୍କ୍ ଫୁଡ୍ ଖାଇ ନାହିଁ । ନିୟମିତ ଭାବରେ ରାତି ନଅଟା ବେଳେ ଶୋଇ ଭୋର୍ ତିନିଟା ବେଳକୁ ଉଠୁଛି । କ୍ଷେତରେ ନିରନ୍ତର ପରିଶ୍ରମ କରି ସ୍ୱାସ୍ଥ୍ୟରକ୍ଷା କରୁଛି । ଆଜିର ପିଢି କିନ୍ତୁ ପରିଶ୍ରମ କାତର । ମୋ'ର ଷୋହଳ ବର୍ଷର ଅଣନାତି ମଧ୍ୟ ପ୍ରତି ଅଧଘଣ୍ଟାରେ ଥରେ ବିଶ୍ରାମ ଖୋଜୁଛି । ଆଳସ୍ୟ ମଣିଷର ବଡ ଶତ୍ରୁ । ତୁମେ ଏଇ ସବୁ ନିୟମ ମାନି ଚଳ, ଦେଖିବ ତୁମେ ମଧ୍ୟ ମୋ' ଭଳି ସାରାଜୀବନ ସୁସ୍ଥ ରହିବ' ।

ସତରେ, ଆଜିର ଏଇ ପ୍ରଦୂଷଣମୟ ପୃଥିବୀ ରେ ସୁସ୍ଥ ନିରାମୟ ହୋଇ ରହିବା ପାଇଁ ଆମକୁ ବହୁତ କିଛି ଶିଖିବାରେ ଅଛି ବର୍ଷିୟସୀ ରଙ୍ଗାମ୍ମା ଙ୍କର ଜୀବନଶୈଳୀରୁ । କୋଟି ପ୍ରଣାମ ଜଣାଉଛି ରଙ୍ଗାମ୍ମାଙ୍କୁ ।

**ଆଲେଖ୍ୟ : ସୁଷମା ପରିଜା**
ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ
(ମୋ)୯୩୩୭୨୭୨୬୪୭



## ସ୍ମୃତି ଶତଦଳ ୨୨୮

# ଜେଟ ଲ୍ୟାଗ୍ ନାଁ ଭୂକଂପନ

**ଡା. ସରୋଜିନୀ ଷଡଙ୍ଗୀ**
❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ମନେ ପଡିଲା ଉତ୍କଳମଣି ଗୋପବନ୍ଧୁଙ୍କ କବିତା, "ସ୍ମୃତି ତ' କେବେ ହେଁ ନୁହେଁ ଫିଙ୍ଗିବାର, ପାରିଲେ ଫିଙ୍ଗି ବା' ଲଭନ୍ତି ନିସ୍ତାର ।" ସ୍ମୃତି ଏମିତି ଗୋଟିଏ ଜିନିଷ ଯାହା ନାନାଦି ସ୍ମରଣୀୟ ଜିନିଷ ସହ ଅନ୍ତଃକରଣରେ ଲିପିବଦ୍ଧ ହୋଇ ରହିଯାଏ ଏବଂ ଥାକ ଥାକ ହୋଇ ସିନ୍ଦୁକରେ ଏମିତି ଯୋଡି ହୋଇ ରହିଥାଏ ଯେ' ପ୍ରଥମ ଥାକରେ ବାରୁଦ ଲାଗିଲେ ଲଙ୍କାବାଣ ଭଳି ଏକା ସାଙ୍ଗରେ ଶହ ଶହ ବାଣରେ ଅଗ୍ନି ସଂଯୋଗ ହୋଇଯାଏ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମଝି ଆକାଶରେ ବିମାନର କଂପନ ଓ ଦୋଳାୟମାନ ଅବସ୍ଥା ରୁ ସାଧାରଣ ଅବସ୍ଥାକୁ ଫେରିବା ଯାଏଁ ଏବଂ ବିମାନରେ ଥିବା ସମସ୍ତ ଯାତ୍ରୀଙ୍କର ମଧ୍ୟ ଶଙ୍କାକୁଳ ଅବସ୍ଥାରୁ ସ୍ୱାଭାବିକ ଅବସ୍ଥା ହେବାଯାଏଁ ଅନେକ ସମୟ ଅତିବାହିତ ହୋଇଗଲା । ଆମେ ଭୁବନେଶ୍ୱରରେ ପହଞ୍ଚିବା ପରେ ମଧ୍ୟ ଛାତି ଧଡଧଡହେଉଥାଏ । ପ୍ରାୟ ଭୁବନେଶ୍ୱରରୁ କଟକ ଆସିବା ଯାଏଁ ଲାଗୁଥାଏ ଯେମିତି ଉଡାଜାହାଜଟି ହଲୁଛି !! କୌଣସି ମତେ ଘରେ ପହଞ୍ଚିଲା ପରେ ଆମେ ସାଧାରଣ ଅବସ୍ଥାକୁ ଫେରିଲୁ । କିନ୍ତୁ କେଉଁଠି ନା କେଉଁଠି ଆମ ଅବଚେତନ ମନରେ ଏଇ ଘଟଣା ଲିପିବଦ୍ଧ ହୋଇ ରହିଗଲା । ବିମାନରେ ଉପରକୁ ଉଠିବା ବେଳେ ଏବଂ ତଳକୁ ଓହ୍ଲାଇବା ବେଳେ ମୋର କାନ ବିନ୍ଧିଥାଏ । ତେଣୁ ତା'ପରେ ମୋର ଗୋଟିଏ ଫ୍ଲାଇଂ ଫୋବିଆ ହୋଇଗଲା ଏବଂ ଫ୍ଲାଇଟ୍‌ରେ ଯିବା ପାଇଁ ଭୟ ଲାଗିଲା ।

ମନେ ପଡିଲା ଉତ୍କଳମଣି ଗୋପବନ୍ଧୁଙ୍କ କବିତା, "ସ୍ମୃତି ତ' କେବେ ହେଁ ନୁହେଁ ଫିଙ୍ଗିବାର, ପାରିଲେ ଫିଙ୍ଗି ବା' ଲଭନ୍ତି ନିସ୍ତାର ।" ସ୍ମୃତି ଏମିତି ଗୋଟିଏ ଜିନିଷ ଯାହା ନାନାଦି ସ୍ମରଣୀୟ ଜିନିଷ ସହ ଅନ୍ତଃକରଣରେ ଲିପିବଦ୍ଧ ହୋଇ ରହିଯାଏ ଏବଂ ଥାକ ଥାକ ହୋଇ ସିନ୍ଦୁକରେ ଏମିତି ଯୋଡି ହୋଇ ରହିଥାଏ ଯେ' ପ୍ରଥମ ଥାକରେ ବାରୁଦ ଲାଗିଲେ ଲଙ୍କାବାଣ ଭଳି ଏକା ସାଙ୍ଗରେ ଶହ ଶହ ବାଣରେ ଅଗ୍ନି ସଂଯୋଗ ହୋଇଯାଏ । ତା' ସାଙ୍ଗରେ ସେଇ ଘଟଣା ସହ ଜଡିତ ଥିବା ସବୁ ଜିନିଷ ଚାହୁଁ ଚାହୁଁ ଜୀବନ୍ୟାସ ପାଏ । ଏମିତିକି ସେଇ ସମୟ ସହ ସଂଯୋଗ ହୋଇଥିବା ସଂଗୀତ ଓ ସୁଗନ୍ଧ ମଧ୍ୟ ଆକସ୍ମିକ ଭାବରେ ଯୋଡି ହୋଇଯାଏ । ତେବେ ଫ୍ଲାଇଟ ଫୋବିଆ ହେଲେବି ମତେ ସେଗୁଡିକ ଦୁରେଇ ଦେବାକୁ ପଡିଲା କାହିଁକିନା ଆମେ କନଫରେନ୍ସକୁ ଯାଉ କି ଯେଉଁଠିକି ବି ଯାଉ ଫ୍ଲାଇଟ ଛଡା ତ ଶୀଘ୍ର ଯିବା ଆସିବା ପାଇଁ ଅନ୍ୟ ଗତି ହିଁ ନାହିଁ ।

ଆମେ କଟକ ଲିଙ୍କ ରୋଡ ଘରେ ପହଞ୍ଚିଲା ବେଳକୁ ସେଠାରେ ନାହିଁ ନଥିବା ଭିଡ । ମୋର ଆସିବା ଖବର ପାଇ ଅନେକ ରୋଗୀ ଭିଡ ଜମେଇ ଦେଇଛନ୍ତି । ଅଗତ୍ୟା ମତେ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇ କ୍ଲିନିକ୍‌ରେ ବସିବାକୁ ପଡିଲା । ତାରି ଭିତରେ ମୁଣ୍ଡ ବୁଲାଇବା, ବିନ୍ଧିବା କି ଜେଟ ଲ୍ୟାଗ ହେବା ସବୁ ମିଳେଇ ଗଲା । ଏମିତି ଲଞ୍ଚବ୍ରେକ ପର୍ଯ୍ୟନ୍ତ ପ୍ରାୟ ସମୟ ଗଡିଚାଲିଲା ଏବଂ ମତେ ଭୁଲିଯିବାକୁ ପଡିଲା ଯେ, ଏତେ ଦୀର୍ଘ ସମୟର ଯାତ୍ରା ପରେ ଆମେ ଆସିଛୁଁ । ତେବେ ଲଞ୍ଚ ପରେ ପରେ ପୁଣି ଚାମ୍ବରକୁ ଯାଇ ଦେଖିଲା ବେଳକୁ ଗୋଟିଏ ରୋଗୀ ପ୍ରାୟ ଚାଲିପାରୁନାହିଁ । ହ୍ୱିଲଲ ଚେୟାରରେ ବସି ଆସିଛି । ସେ ପୁଣି ଆସି ପହଞ୍ଚିଛି ଜାମସେଦପୁରରୁ । ତା'ର ନାଡିର ଗତି ବହୁ ଅଧିକ ପ୍ରାୟ ୧୨୦ ବିଟସରୁ ବେଶୀ ଥିବାବେଳେ, ରକ୍ତଚାପ କମି କମି ଆସୁଛି । ତାକୁ ପରୀକ୍ଷା କରି ସାରିବା ପରେ ସାଙ୍ଗେ ସାଙ୍ଗେ ସାଲାଇନ୍ ଲଗାଇଲୁଁ ଏବଂ ଅଲଟ୍ରାସାଉଣ୍ଡରୁ ଜଣାପଡିଲା ତାର ଫାଲୋପିଆନ ଟ୍ୟୁବ୍‌ରେ ପ୍ରେଗନାନ୍ସି ହୋଇ ଟ୍ୟୁବ ଟି ଫାଟିଯାଇଛି ଏବଂ ପେଟ ଭିତରେ ରକ୍ତର ପୋଖରୀଟିଏ ହୋଇଯାଇଛି । ସଙ୍ଗେ ସଙ୍ଗେ ରକ୍ତ ଟେଷ୍ଟ କଲାବେଳେ ହିମୋଗ୍ଲୋବିନ୍ ମଧ୍ୟ କମି ଯାଇଛି । ତା' ସ୍ୱାମୀ ଯାଇ ବ୍ଲଡ ବ୍ୟାଙ୍କରୁ ଦୁଇ ବୋତଲ ରକ୍ତ ଆଣିଲେ । ଗୋଟିଏ ବୋତଲ ବ୍ଲଡ ଟ୍ରାନ୍ସଫ୍ୟୁଜନ ଆରମ୍ଭ କରି, ନିଶା ଡାକ୍ତରଙ୍କୁ ଡାକି ଓ.ଟି ଭିତରେ ଅପରେସନ ଆରମ୍ଭ କରିବାର ଉପକ୍ରମ କଲୁଁ । ଅପରେସନ ମଧ୍ୟ ଖୁବ୍ ଶୀଘ୍ର ସାରିଦେଲୁ, ପେଟ ଭିତରୁ ଆଞ୍ଜୁଳା ଆଞ୍ଜୁଳା ରକ୍ତ ବାହାର କରି ତତ୍‌କ୍ଷଣାତ୍ ଫାଟି ଯାଇଥିବା ଟ୍ୟୁବ୍‌କୁ କାଟି ବ୍ଲିଡିଂ ବନ୍ଦ କଲୁ । ଏସବୁ କାମ ରୋଗୀ ଆସି ପହଞ୍ଚିବାର ଏକଘଣ୍ଟା ମଧ୍ୟରେ ସମ୍ଭବ ହୋଇ ପାରିଲା, କାରଣ ତୁରନ୍ତ ରୋଗୀର ରୋଗ ଚିହ୍ନଟ , ରକ୍ତ ପରୀକ୍ଷା ଏବଂ ଅପରେସନ ଖୁବ୍ ଶୀଘ୍ର ହୋଇ ପାରିଲା । ଅପରେସନ ପରେ ରାତି ସାରା ସେ ରୋଗୀଙ୍କୁ ଆଇସିୟୁ ରେ ମନିଟରରେ ରଖି ରୋଗୀର ନାଡି ଓ ରକ୍ତ ଚାପ ମନିଟରିଂ କରିବାକୁ ପଡିଲା ।

ସକାଳ ପାହିଲା ବେଳକୁ ରୋଗୀ ଆଖିଖୋଲି ଚାହିଁଲା ଓ ମତେ ଅନାଇ ହସି କରି କହିଲା – "ମ୍ୟାଡମ ମତେ ଭଲ ଲାଗୁଛି, ଆପଣଙ୍କ ଯୋଗୁଁ ମୁଁ ବଞ୍ଚିଗଲି ।" ତା' ଓଠର ଟିକିଏ ହସ ମୋ ମନରେ ଗଭୀର ଆତ୍ମପ୍ରତ୍ୟୟ ଭରିଦେଲା ଏବଂ ସେ ଚେନାଏ ବିଲୋଳ ହସ ମତେ ଲକ୍ଷେ ଟଙ୍କା ପାଇବା ଭଳି ଲାଗିଲା । ତା ମୁଣ୍ଡରେ ହାତ ବୁଲାଇ କହିଲି "" ମା'ରେ ମୁଁ ଭଲ କରି ନାହିଁ । ସବୁ ସେଇ ସର୍ବ ନିୟନ୍ତା ଭଗବାନ ହିଁ କରିଛନ୍ତି । ଠାକୁର ସମସ୍ତଙ୍କୁ ଭଲ କରନ୍ତି, ଆମେ କେବଳ ଏକ ମାଧ୍ୟମ, ଏକ ନିମିତ୍ତ ମାତ୍ର । ତା'ର ୪-୫ ଦିନ ପରେ ରୋଗୀଟି ସଂପୂର୍ଣ୍ଣ ଭାବରେ ଭଲ ହୋଇ ଜାମସେଦପୁର ଚାଲିଗଲା ।

ଏତେ ସବୁ କାମ ଭିତରେ ମୁଁ ଭୁଲି ଯାଇଥିଲି ଆକାଶରେ ବିମାନର କଂପନ । ପୁଣି ଥରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ବିନମ୍ର ପ୍ରଣତି ଜଣାଇଲି, କାରଣ ସେ ଆମକୁ ବଞ୍ଚାଇ ଦେଲେ । ଠାକୁର ତାଙ୍କର ମହାବାହୁ ବଢାଇ ଆମ ଜୀବନରେ ଯାହା ଘଟି ଯାଇଛି, ଘଟୁଛି ଏବଂ ଭବିଷ୍ୟତରେ ଯାହା ଘଟିବ , ଏ ସବୁର ସର୍ବୋମୟ କର୍ତ୍ତା ହେଉଛନ୍ତି ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥ । ଚକାଡୋଳାଙ୍କର ଟିକିଏ କୃପାମୟ ଦୃଷ୍ଟି, କୈବଲ୍ୟ କଣିକା ହୋଇ ଝରିପଡେ ଏବଂ କେତେବେଳେ ସେଇ ଚେନାଏ କରୁଣା ପରିବର୍ତ୍ତିତ ହୋଇଯାଏ ନାଦ ବ୍ରହ୍ମରେ । ସେଇ ନାଦ ବ୍ରହ୍ମ ମଧ୍ୟ ପ୍ରତିଧ୍ୱନିତ ହୋଇଯାଏ ସାରା ମନ ଓ ଶରୀରରେ ଏକ ଅମୃତମୟ ଉପଲବଧି ହୋଇ । ଏହା ଯେତେବେଳେ ବାହ୍ୟ ଜଗତରୁ ଆମକୁ ବିଚ୍ଛିନ୍ନ କରି ଦେବ, ଠିକ୍ ସେତିକି ବେଳେ ପ୍ରଭୁଙ୍କର କଲ୍ୟାଣମୟ ଆଦେଶ ଆଉ ଜଣଙ୍କର ଜୀବନ ବଞ୍ଚାଇବାକୁ ପ୍ରେରିତ ହେବ । ତାଙ୍କର ଇଙ୍ଗିତରେ ଗୋଟିଏ ରୋଗୀ ଜୀବନ୍ୟାସ ପାଇଲା । ତାଠୁ ବଳି ପୁଣ୍ୟମୟ କାମ ଆଉ କ'ଣ ଅଛି ?

"କର୍ମ୍ମଣ୍ୟେବା' ଧୀକାରସ୍ତେ ମା ଫଳେଷୁ କଦାଚନ ।"

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(୬)

# ଖେଳ






ମୂଳ ହିନ୍ଦୀ – ଅଭିଷେକ କଶ୍ୟପ

ଅନୁବାଦ- ନନ୍ଦିତା ମହାନ୍ତି

(ପୂର୍ବପ୍ରକାଶିତ ଉତ୍ତାରୁ)

ନିଜ ବଙ୍ଗଳାରେ ପଶୁ ପଶୁ ମୋ ମନରେ ମିକ୍ଲି ପ୍ରତି ଭଲ ପାଇବା ଉଜାଣି ବୋହିବାକୁ ଲାଗିଲା । ସିଏ ଆମ ଟିମର ଏକମାତ୍ର ପିଲା ଥିଲା ଯିଏ ମୋତେ 'ଆପଣ' କହି ସମ୍ବୋଧନ କରୁଥିଲା – 'ଶଳା !'

'କଣ ଏତେ ଚିନ୍ତା କରୁଛୁ ?' ସୋନୁ ମୋତେ ଗଭୀର ଭାବରେ ଚାହିଁ କହିଲା । ମୋର ଏତେ ସମୟ ଧରି ଚୁପ ରହିବା ଦେଖି ସିଏ ବିରକ୍ତ ହୋଇ ଉଠିଥିଲା ।

'ସେ କିଛି ନୁହେଁ ।'

'ଅନ୍ୟ ଏକ ଦୁନିଆ'ରୁ ଫେରି ଆସି ମୁଁ ଟିକେ ହୁସିଆର ହେଇଗଲି । ସୋନୁକୁ ଛାଡି ମୁଁ ତାର ଅନୁଗତମାନଙ୍କ ସହିତ କଥାବାର୍ତ୍ତା କଲି – 'ପ୍ରକୃତରେ ମିକ୍ଲି ହେଉଛି ଫାଷ୍ଟ ବଲର । ମୁଁ ଆଉ ସୋନୁ ମିଶି ରନ ତ ନେଇ ଯାଉଛୁ, ହେଲେ ମୋ ସହିତ ଜଣେ ଫାଷ୍ଟ ବୋଲର ଖେଳିବା ଦରକାର । ବିଗତ ଛଅଟି ମ୍ୟାଚରେ ମିକ୍ଲି ଦଶଟି .....ନା, ନା ତେରଟି ୱିକେଟ ନେଇଛି, ଆଉ କେବଳ ଆମ ଟିମ କାହିଁକି,

## ଟାଟା ପାୱାର କର୍ମଚାରୀଙ୍କୁ ଆକ୍ରମଣ : ପୁଲିସ୍ ଉଠାଇଲା ଜଣକୁ

ଜଳେଶ୍ୱର, ୦୫/୨(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଟାଟା ପାୱାରର ନାମ୍ନୋ ବିଦ୍ୟୁତ୍ ସେକ୍‌ସନର ସହକାରୀ ଯନ୍ତ୍ରୀ ସନ୍ତୋଷ ମହନ୍ତ ଓ ଲାଇନ୍‌ମେନ୍ ସଂଜୟ ପରିଡା ଗତ ୨୭ ତାରିଖରେ ବାଣିଦା ଗ୍ରାମର ଦକ୍ଷିଣ ସାହିସ୍ଥିତ ସୁନିଲ ମହାନ୍ତି ବେପାରୁଆ ବିଦ୍ୟୁତ୍‌ଚୋରୀ ଘଟଣାରେ ତଦନ୍ତ ପାଇଁ ଘରକୁ ଯାଇଥିଲେ । ସୁନିଲ ଚୋରାରେ ବିଦ୍ୟୁତ୍ ନେଇ ଏକ ମୁଡିଭଜା ମେସିନ୍ ବ୍ୟବହାର କରୁଥିବାରୁ ଟାଟା ପାୱାର କର୍ମଚାରୀ ବାରଣ କରିଥିଲେ । କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନେବାବେଳେ ସୁନିଲ ଅଶୋଭନୀୟ ଆଚରଣ, ଗାଳିଗୁଲଜ ଓ ମରାଧର କରିଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ପୁଲିସ୍ ସୁନିଲ କୁମାର ମହାନ୍ତିଙ୍କୁ ବାଣିଦା ଗ୍ରାମର ଗିରଫ କରି କୋର୍ଟ ଚାଲାଣ କରିଛି । ଏପରି ଘଟଣା ପରେ ଚୋରା ବିଦ୍ୟୁତ୍ ବ୍ୟବହାରକାରୀଙ୍କ୍ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଯାଗା ଆଖଡ଼ା ଭିତ୍ତିଭୂମି ସମ୍ପର୍କରେ ସମୀକ୍ଷା କଲେ ଜିଲ୍ଲାପାଳ

ପୁରୀ, ୦୫/୦୨ (ନି.ପ୍ର): ପୁରୀ ସହରରେ ଥିବା ବିଭିନ୍ନ ଯାଗା ଆଖଡ଼ା ଭିତ୍ତିଭୂମି ଉନ୍ନତି ସମ୍ପର୍କରେ କର୍ମକର୍ତାଙ୍କ ସହ ଜିଲ୍ଲାପାଳ ସମର୍ଥ ବର୍ମା ଆଲୋଚନା କରିଛନ୍ତି । ନିଳାଦ୍ରି ପାର୍କରେ ଯାଗା ଆଖଡ଼ାର ସଭାପତି ଓ ସମ୍ପାଦକଙ୍କ ସହ ଆଲୋଚନା କରିଥିଲେ । ମୁକ୍ତା ଯୋଜନାରେ ଏହାର ଉନ୍ନତି କରାଯିବ । ବ୍ୟାୟାମଶାଳାରେ କୁସ୍ତି, ଭାରୋତଳନ, ପାରମ୍ପରିକ ଅସ୍ତ୍ର ଚାଳନା ଓ ଅନ୍ୟାନ୍ୟ ଭିତିଭୂମି ବିକାଶ ଉପରେ ଜିଲ୍ଲାପାଳ ଗୁରୁତ୍ୱରୋପ କରିଥିଲେ । ଯାଗା ଆଖଡ଼ାକୁ କ୍ରୀଡ଼ା ବିଭାଗ ପକ୍ଷରୁ ଖେଳ ଉପକରଣ ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯିବ । ଏହି ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲ୍ଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳ ବଜେଟରେ ମୟୂରଭଞ୍ଜକୁ ଅବହେଳା: ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ସମୂହର କ୍ଷୋଭ

ବାରିପଦା, ୦୫/୦୨ (ନି.ପ୍ର): ନିକଟରେ ଲୋକସଭାରେ ଆଗତ କରାଯାଇଥିବା ରେଳ ବଜେଟରେ ମୟୂରଭଞ୍ଜର ବହୁ ପ୍ରତୀକ୍ଷିତ ବୁଡାମରା-ଚାକୁଳିଆ ତଥା ବାଙ୍ଗିରିପୋଷ-ଗୋରୁମହିଷାଣି ରେଳ ସଂଯୋଗକୁ ସ୍ଥାନ ଦିଆ ଯାଇ ନଥିବାରୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କଳା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ତରଫରୁ ମିଳିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ମୟୂରଭଞ୍ଜର ପ୍ରାତଃ ସ୍ମରଣୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା ସ୍ଥାପିତ ରୁପସା-ବାଙ୍ଗିରିପୋଷି ନେରୋଗେଜ ରେଳଲାଇନ ୧୦୦ ବର୍ଷ ପରେ ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ସମୟରେ ବ୍ରଡଗେଜରେ ପରିଣତ ହୋଇନଥିଲେ ତାହା କେବେଠାରୁ ବନ୍ଦ ହୋଇ ସାରନ୍ତାଣି । କିନ୍ତୁ ଦୁଃଖର ବିଷୟପୁଣି ୨୦ ବର୍ଷ ବିତିବାକୁ ଗଲେ ମଧ୍ୟ ବାରମ୍ବାର ପ୍ରସ୍ତାବ, ବାରମ୍ବାର ସର୍ଭେ ହେଲେ ମଧ୍ୟ ଏ ଯାବତ୍ ଦୁଇ ପ୍ରକଳ୍ପ ସମ୍ଭବ ହେଲା ନାହିଁ । ଏ ରେଳ ବଜେଟରେ ପୁନରାୟ ସର୍ଭେ ନାମରେ ୧ କୋଟି ବଜେଟ ରଖି କେନ୍ଦ୍ର ସରକାର ମୟୂରଭଞ୍ଜବାସୀଙ୍କୁ ଅପମାନିତ କରିଛନ୍ତି ବୋଲି କ୍ଷୋଭ ପ୍ରକାଶ ପାଇଛି । ରାଜ୍ୟକୁ ତଥା ଦେଶକୁ ମୟୂରଭଞ୍ଜର ଅବଦାନ ଅତୁଳନୀୟ । ଯେଉଁ ଜିଲ୍ଲାର ଉତ୍କୃଷ୍ଟ ଲୁହାପଥର ଖଣି ନିମନ୍ତେ ଟାଟା ଲୁହା କାରଖାନା ସମ୍ଭବ ହୋଇଥିଲା, ସେହି କାରଖାନାର ଚାହିଦା ପୂରଣ ପାଇଁ ସିନା ସେତେବେଳେ ରେଳପଥ ଗଢିଦେଲେ; ହେଲେ ମୟୂରଭଞ୍ଜବାସୀଙ୍କ ଗମନାଗମନ, ପଡୋଶୀ ରାଜ୍ୟରେଥିବା ସେମାନଙ୍କ ଜ୍ଞାତିକୁଟୁମ୍ବଙ୍କ ସହ ସଂପର୍କ ରଖିବାର କୌଣସି ପଥ ରଖିଲେ ନାହିଁ । ଆଜି ବି ପଡୋଶୀ ଝାଡ଼ଖଣ୍ଡର ଷଡେଇକଳା, ଖରସୁଆଁ ତଥା ସିଂହଭୂମି ଜିଲ୍ଲାରେ ୭୦ରୁ ଉର୍ଦ୍ଧ୍ୱ ଶତକଡ଼ା ଲୋକମାନେ ଓଡ଼ିଆ । ରୁପସା-ଟାଟା ତଥା ରୁପସା-ଚାକୁଳିଆ ରେଳପଥ ଗଢି ଉଠିଲେ କେବଳ ବିଛିନ୍ନାଞ୍ଚଳର ଓଡ଼ିଆମାନେ ଉପକୃତ ହୁଅନ୍ତେ ନାହିଁ ରାଜ୍ୟର ରାଜଧାନୀ ଭୁବନେଶ୍ୱରରୁ ସିଧାସଳଖ ସଂପର୍କ ଯୋଡି ହୋଇ ପାରନ୍ତା ମଧ୍ୟ । ଦିଲ୍ଲୀ ଭୁବନେଶ୍ୱର ପଥ ମଧ୍ୟ କମିଯାଆନ୍ତା ।

# ଅଦିନିଆ ବର୍ଷାରେ ରବିଚାଷର ବ୍ୟାପକ କ୍ଷତି : ତଦନ୍ତ ଦାବି

ଜଳେଶ୍ୱର, ୦୫/୨(ନି.ପ୍ର) : ହଠାତ୍ ଶୁକ୍ରବାର ସକାଳେ ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ କଳାହାଣ୍ଡିଆ ମେଘା ବର୍ଷା ଆରମ୍ଭ କରିଥିଲା । କୋହଳା ପାଗ ସାଂଗକୁ ପବନ ବହିବାରୁ ସଂଧ୍ୟାରେ ମୂଷଳ ଧାରାରେ ବର୍ଷା ହୋଇଥିଲା । ଜଳେଶ୍ୱର ବ୍ଲକରେ ୬୫ ମିମି ବର୍ଷା ହୋଇଥିବାରୁ ଜମିରେ ପାଣି ଛିଡା ହୋଇଛି । ଜଳେଶ୍ୱର ବ୍ଲକରେ ପ୍ରାୟ ୨ହଜାର ହେକ୍ଟର ଜମିରେ ବିଭିନ୍ନ ରବିଚାଷ ହୋଇଛି । ବିଶେଷ କରି ଏବେ ସୋରିଷ ଅମଳ ସମୟ । ଏହା ବ୍ୟତିତ ଆଳୁ ଓ ଚିନାବାଦାମ ଆଉ କିଛିଦିନ ପରେ ଅମଳ ଆରମ୍ଭ ହୋଇଥାନ୍ତା । ମୁଗ, ବିରି, ତିଳ ଇତ୍ୟାଦି ଜମିରେ ପାଣି ଛିଡା ହୋଇଛି । କଖାରୁ, କାକୁଡି, କଲରା, ବିନ୍‌ସ୍, ନାଡୁକା, ଜହ୍ନି, ବାଇଗଣ, ଜମିରେ ପାଣି ଛିଡା ହୋଇଥିବାରୁ ଗଛଗୁଡିକ ଝାଉଁଳିବା ଆରମ୍ଭ ହୋଇଛି । ଜଳେଶ୍ୱର ଅଂଚଳରେ ୩୪୮୦ ହେକ୍ଟର ଜମିରେ ମୁଗ ଚାଷ ହୋଇଥିବା ବେଳେ ୧୧୦୦ ହେକ୍ଟର ଜମିରେ କୃଷିବିଭାଗ ୪ କେଜି ଲେଖାଏଁ ମାଗଣା କିଟ ଯୋଗାଇଥିବାରୁ ସେ ଗୁଡିକ ମଧ୍ୟ ନଷ୍ଟ ହେବାର ସମ୍ଭାବନା ଦେଖା ଦେଇଛି । ଶିଖରପୁର, ମାକିଡିଆ, ରାୟାଁରାମଚନ୍ଦ୍ରପୁର, ବର୍ତ୍ତନା, ଓଲମରା, ଝାଡପିମ୍ପଳ, ଖୁଲୁଡା, ବାଇଗଣ ବାଡିଆ, ପାଇକସିଦା, ଗଡସାହି ବାଲିଆପାଳ, ଲକ୍ଷ୍ମଣନାଥ, ଗୋବରଘଟା, ସର୍ଦ୍ଦାରବନ୍ଧ, ନଛିମପୁର ପ୍ରଭୃତି ପଂଚାୟତ ଅଂଚଳରେ ମୁଗଚାଷ ହୋଇଥିବା ଗୋଷ୍ଠି କୃଷି ଅଧିକାରୀ ସଂଜ୍ଞ ରାଉତ କହିଛନ୍ତି । ସେହିପରି ଜଳେଶ୍ୱରର ରାୟାଁରାମଚନ୍ଦ୍ରପୁର, ମାକିଡିଆ, ବାଇଗଣ ବାଡିଆ, ଶ୍ରୀରାମପୁର ଇତ୍ୟାଦି ପଂଚାୟତରେ ବିରି ହୋଇଥିବାରୁ ସେସବୁ ସ୍ଥାନରେ ପାଣି ଛିଡା ହୋଇଛି । ପ୍ରକାଶଯୋଗ୍ୟ ଜଳେଶ୍ୱର ବ୍ଲକରେ ଗିରିରାଜ ହାଇବ୍ରିଡ୍ ସୋରିଷ ଚାଷ ହୋଇଥିବାରୁ ସେବୁ ନେଇ ସଂସୟ ସୃଷ୍ଟି ହୋଇଛି । ଚଳିତବର୍ଷ ୩ହଜାର ହେକ୍ଟର ଜମିରେ ଚିନାବାଦାମ ଚାଷ ହୋଇଥିବା ବେଳେ ରାୟାଁରାମଚନ୍ଦ୍ରପୁର, ଲକ୍ଷ୍ମଣନାଥ, ଶିଖରପୁର, ଶ୍ୟାମନଗର, ଗୋବରଘଟା, ପାଇକସିଦା, ବାଇଗଣବାଡିଆ, ଝାଡପିମ୍ପଳ ପଂଚାୟତରେ ଚିନାବାଦାମ ଚାଷ ହୋଇଥିବାରୁ ବର୍ଷା ଯୋଗୁଁ ତାର ଅମଳ ନେଇ ଆଶଙ୍କା ଉପୁଜିଛି । ବର୍ଷାପାଣି ଯୋଗୁଁ ଚାଷ ନଷ୍ଟ ହେବା ସଂପର୍କରେ ଶ୍ୟାମସୁନ୍ଦର ଦଳାଇ, ସନ୍ୟାସୀ ପାଳ, ସୁରେଶ ପାଳ, ପରେଶ ପାଳ, ଗଦାଧର ଦଳାଇ, ବଂଶୀଧର ଗିରି, ଗିରିଜା ଶଂକର ଗିରି, ହରେନ୍ଦ୍ର ଜେନା, ମାଧବ ଗିରି, ନବ କୁମାର ଗିରି, ରମାନାଥ ଗିରି, ସୁଶାନ୍ତ ଗିରି ପ୍ରମୁଖ ଚାଷୀ ସୂଚନା ଦେଇଛନ୍ତି । ପୋଲିସ୍ ପେଟୋଲିଂକୁ ତ୍ୱରାନ୍ୱିତ କରାଯିବାକୁ ସାଧାରଣରେ ଦାବି ହେଉଛି ।

# ଦୋବଲ ସରପଂଚଙ୍କୁ ବିଜେପିକର୍ମୀଙ୍କ ଆକ୍ରମଣ, ଘଟଣାସ୍ଥଳରେ ଏସପିଙ୍କ ତଦନ୍ତ

ଭଦ୍ରକ, ୦୫/୦୨ (ନି.ପ୍ର): ତ୍ରିସ୍ତରୀୟ ନିର୍ବାଚନ ଯେତେ ପାଖେଇ ଆସୁଛି ନିର୍ବାଚନ ପ୍ରଚାର ସରଗରମ ହେଉଥିବାବେଳେ ଏହି କିଛିଦିନ ହେବ ବିଭିନ୍ନ ରାଜନୈତୀକ ଦଳର କର୍ମୀମାନେ ଏବେ ଗଣ୍ଡଗୋଳ ମୁହାଁ ହେଲେଣି । କିଛିଦିନ ତଳେ ଖଡ଼ିପଦା ପଂଚାୟତର ବିଜେଡ଼ିକର୍ମୀ ବିଜେପି କର୍ମୀକୁ ଆକ୍ରମଣକରିଥିବାବେଳେ ଆଜି ଦୋବଲପଂଚାୟତର ବର୍ତମାନର ସରପଂଚ ଚମ୍ପାବତୀ ଦଳାଇକୁ ବିଜେପି କର୍ମୀ ଆକ୍ରମଣ କରୁଥିବାବେଳେ ଚମ୍ପାବତୀକୁ ରକ୍ଷାକରିବାକୁ ଯାଇ ଜଣେ ଯୁବକ ଏବେ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶଯେ ସରପଂଚ ଶ୍ରୀମତୀ ଦଳାଇ ନିଜଘରବାରଣ୍ଡାରେ ବସିଥିବାବେଳେ ଉକ୍ତ ଗ୍ରାମର ବିଜେପିକର୍ମୀ ପିଙ୍କିଆ ସାହୁ ପିତା ସୁଧାକର ସାହୁ, ଜିତୁ ସାହୁ ପିତା ରମେଶ ସାହୁ, ସାନ୍ତନୁ ଦାସ ପିତା ନିତ୍ୟାନନ୍ଦ ଦାସ ଏମାନେ ହଠାତ୍ ସରପଂଚକୁ ଗାଳିଗୁଲଜ କରିଥିଲେ । ଏନେଇ ଶ୍ରୀମତୀ ଦଳାଇ ବିରୋଧ କରିବାରୁ ତାଙ୍କୁ ଉକ୍ତ ଯୁବକମାନେ ଟଣାଓଟରା କରିଥିଲେ । ଏନେଇ ସେ ଚିତ୍କାର କରିବାରୁ ଉକ୍ତ ଗ୍ରାମର ବିଶ୍ୱରଂଜନ ପତି ପିତା ନିରଂଜନ ସରପଂଚକୁ ଉଦ୍ଧାର କରିବାକୁ ଯାଇଥିବାବେଳେ ଉକ୍ତ ଯୁବକମାନେ ବିଶ୍ୱରଂଜନକୁ ମରଣାନ୍ତକ ଆକ୍ରମଣକରିଥିଲେ । ସେ ଅଚେତହୋଇ ପଡ଼ିଯିବାରୁ ଆକ୍ରମଣକାରୀମାନେ ସେଠାରୁ ଦୌଡ଼ି ପଳାଇଥିଲେ । ଏଣୁ ଗୁରୁତର ଅବସ୍ଥାରେ ଆହତ ବିଶ୍ୱରଂଜନକୁ ଧାମନଗର ମେଡ଼ିକାଲରେଭର୍ତି କରାଯାଇଥିଲା । ଏନେଇ ସରପଂଚ ଶ୍ରୀମତୀ ଦଳାଇ ଧାମନଗର ଥାନାରେ ଅଭିଯୋଗ କରିବା ପରେ ଘଟଣାର ସତ୍ୟାସତ୍ୟପାଇଁ ଥାନାଅଧିକାରୀ ଶ୍ରୀବଲ୍ଲଭ ସାହୁ ତଦନ୍ତ ଆରମ୍ଭ କରିଛନ୍ତି । ସନ୍ଧ୍ୟାରେ ଭଦ୍ରକ ଆରକ୍ଷୀଅଧିକ୍ଷକ ଚରଣ ସିଂ ମୀନା, ଏସ୍‌ଡ଼ିପିଓ ବିଜୟକୃଷ୍ଣ ମହାପାତ୍ର ଓ ଥାନାଅଧିକାରୀ ଶ୍ରୀବଲ୍ଲଭ ସାହୁ ଦୋବଲ ପଂଚାୟତର ସୋଧ ଅଂଚଳରେ ପହଂଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛନ୍ତି ।

## ମଙ୍ଗୁମଠରେ ମାୟାବୀ ଫିଲ୍ମର ଶୁଭ ମହୁରତ

ପୁରୀ, ୦୫/୦୨ (ନି.ପ୍ର): ଅନିସ ଏଂଟରଟେନମେଂଟ ଦ୍ୱାରା ନୂଆ ଫିଲ୍ମ ମାୟାବୀର ଶୁଭ ମହୁରତ ଆଜି ସିଂହଦ୍ୱାର ସମ୍ମୁଖ ମଙ୍ଗୁମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମଧୁର ମିଛ ରହସ୍ୟ ଓ ରୋମାଞ୍ଚକୁ ନେଇ ଏହି କାହାଣୀ ପ୍ରସ୍ତୁତ ହୋଇଛି । ପ୍ରଯୋଜକ ତପନ କୁମାର ଦାସ, ନିର୍ଦ୍ଦେଶକ ସୁଧାଂଶୁ ସାହୁ, ସଂଗୀତ ଯଜ୍ଞଦତ ଦାଶ ରହିଛନ୍ତି । ବିଭିନ୍ନ ଭୂମିକାରେ ଅମ୍ଳାନ, ଭୂମିକା, ପାରିଲିନ୍ ଅଙ୍କିତା, ସ୍ନେହା (କୋଲକତା) ଆଲସିଆ, ଆଶୁତୋଷ, କୁନାଲ, ଚକ୍ରଧର ଓ ପ୍ରଶାନ୍ତ ପାତ୍ର ପ୍ରମୁଖ ଅଭିନୟ କରିବେ । ପବ୍ଲିସିଟି ମୁଖ୍ୟ ଭାବେ ପ୍ରଣୟ ଜେଠୀ, ଡ଼ିଜାଇନ, ସୁଧାକର, କ୍ୟାମେରାମ୍ୟାନ ଧ୍ରୁବାନନ୍ଦ ପଣ୍ଡା, କଳା ନିର୍ଦ୍ଦେଶକ ଲିଙ୍କନ ପଟ୍ଟନାୟକ, ସନ୍ଦୀପ ଜୟଶଓ୍ୱାଲ,ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଏହି ଶୁଭ ମହୁରତ କାର୍ଯ୍ୟକ୍ରମରେ ସମୀର ରଞ୍ଜନ ଦାଶ ,ବରିଷ୍ଠ ସେବାୟତ ଦୁର୍ଗାଦାସ ମହାପାତ୍ର, ଅନ୍ତ ତିଆଡ଼ି, ମାଧବ ପୂଜାପଣ୍ଡା, ମାଧବ ମହାପାତ୍ର, ଶିଳ୍ପପତି ରାଜକିଶୋର ମହାପାତ୍ର, ରୋଟାରିଆନ ଜୟଦାସ ଗୁପ୍ତା, ଦୃଷ୍ଟିର ଏମ.ଡ଼ି ନାରାୟଣ ଦାଶ,ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗ ଦେଇଥିଲେ ।

## ପୂର୍ବତନ ବିଧାୟକ ଅଜିତ ଦାସଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ପୂର୍ବତନ ବିଧାୟକ ଅଜିତ ଦାସଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଭବାନୀପାଟଣା ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ଅଜିତ ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି ।

# ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ରବିବାର ଦିନ ଦର୍ଶକମାନଙ୍କ ନିମନ୍ତେ ଭର୍ଚୁଆଲ୍ ଟୁର ବ୍ୟବସ୍ଥା କରାଯାଇଛି । ଦର୍ଶକମାନେ ଫେବୃଆରୀ ୬ ତାରିଖ ଦିନ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଅଟଙ୍ଗଟମଛରଠ, ଅଟମଟଙ୍କ୍ଷଇସ ଖୋଲି ଓଡ଼ିଶାର ଭୂମିଜ ଜନଜାତିଙ୍କ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଭୂମିଜ ଜନଜାତି ସଂପ୍ରଦାୟ ବିଶେଷତଃ ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟଗୁଡ଼ିକରେ ବସବାସ କରିଥାନ୍ତି । ଏହି ସଂପ୍ରଦାୟ କୃଷିଜୀବୀ ଅଟନ୍ତି । ଓଡ଼ିଶାର ମୟୂରଭଞ୍ଜ, କେଉଁଝର, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାୟତଃ ଭୂମିଜ ଜନଜାତିର ଲୋକମାନଙ୍କୁ ଦେଖିବାକୁ ମିଳେ । ଗ୍ରାମରେ ସେମାନେ ଅନ୍ୟାନ୍ୟ ଜନଜାତି ସଂପ୍ରଦାୟ ସହିତ ବାସ କରିଥାନ୍ତି । ବେଶପୋଷାକରେ ଭୂମିଜମାନେ ହିନ୍ଦୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ପୁରୁଷମାନେ ଧୋତି ଓ ଗାମୁଛା ବ୍ୟବହାର କରିଥାନ୍ତି । ଗାଁ ବାହାରକୁ ଯିବାବେଳେ ସେମାନେ ସାର୍ଟ ପିନ୍ଧିଥାନ୍ତି । ଭୂମିଜ ଜନଜାତି ମହିଳାମାନେ ଶାଢ଼ି ଓ ବ୍ଲାଉଜ ପରିଧାନ କରିଥାନ୍ତି । ପାରମ୍ପରିକ ଭାବେ ସେମାନେ ନାଲି ଓ ନୀଳ ଗାର ଥିବା ଖଦି କପଡ଼ା ବ୍ୟବହାର କରିଥାନ୍ତି । ଓରାଓଁ ଜନଜାତିର ପୋଷାକ ସହିତ ଏହା ସମାନ ପ୍ରକାରର ଦେଖାଯାଏ । ମହିଳାମାନେ ନାକଫୁଲ, ମାଳିହାର, ବାହୁବନ୍ଧ ଓ ଚୂଡ଼ିକୁ ସ୍ଥାନୀୟ ବଜାରରୁ କିଣିଥାନ୍ତି । ସେହି ଅଳଙ୍କାର ମଧ୍ୟରୁ କେତେକ ମୂଲ୍ୟବାନ ଧାତୁ ବିଶେଷତଃ ରୂପା ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ଭୂମିଜ ଜନଜାତିମାନଙ୍କର ଏକ ବିଶେଷତ୍ୱ ରହିଛି । ସେମାନେ ସାମାଜିକ-ଧାର୍ମିକ ବିଶ୍ୱାସକୁ ମାନିଥାନ୍ତି । ଏହି ଜନଜାତି ୧୫ଟି ଗୋତ୍ରରେ ବିଭକ୍ତ । ସେଥି ମଧ୍ୟରୁ ଘୋଡ଼ା, ପଦ୍ମ, ସର୍ପ ଓ ପୃଥିବୀ ଅନ୍ୟତମ । ଭୂମିଜ ଜନଜାତି ସଂପ୍ରଦାୟଙ୍କ ନିମନ୍ତେ ଏହି ଟୋଟେମ୍ ଗୁଡ଼ିକ ଉଦ୍ଭିଦ, ପ୍ରାଣୀସମୂହ ଓ ପ୍ରକୃତିର ବିଭିନ୍ନ ଉପାଦାନକୁ ପ୍ରତିନିଧିତ୍ୱ କରିଥାଏ । ସିଙ୍ଗବଙ୍ଗା ହେଉଛନ୍ତି ଭୂମିଜ ଜନଜାତିଙ୍କ ପରମ ଦେବତା ।

# ଜାମୁଡ଼ିହା ପଂଚାୟତରେ ବିଜେପିର ପାଲା ଭାରି : ପ୍ରାର୍ଥୀଙ୍କ ମନ ଜିଣୁଛି ଭୋଟର

ନୀଳଗିରି, ୦୫/୦୨ (ନି.ପ୍ର): ନୀଳଗିରି ବ୍ଲକର ଜାମୁଡ଼ିହା ପଂଚାୟତରେ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଦେଇଥିବା ବେଳେ ଏଥିମଧ୍ୟରୁ ବିଜେପିର ପାଲା ଭାରିଥିବା ଭୋଟରଙ୍କ ଠାରୁ ଶୁଣିବାକୁ ମିଳୁଛି । ନିର୍ବାଚନ ଯେତିକି ପାଖେଇ ଆସୁଛି ଭୋଟରମାନେ ସେତେ ସଚେତନ ହୋଇ ବିଜେପି ଆଡ଼କୁ ମୁହାଁଉଛନ୍ତି । ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାଥୀମାନଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର ସେହି ତୁଳନାରେ ବଢ଼ି ବଢ଼ି ଚାଲିଥିବା ବେଳେ ବିଜେପି ସବୁଥିରେ ଆଗରେ ଥିବା ଜଣାପଡ଼ିଛି । ନୀଳଗିରି ବ୍ଲକରେ ଆସନ୍ତା ୨୨ତାରିଖରେ ନିର୍ବାଚନ । ନୀଳଗିରି ବ୍ଲକର ଜାମୁଡ଼ିହା ପଂଚାୟତ ଏବେ ଫୋକସରେ ଥିବା ବେଳେ ଉଭୟ ଶାସକ ଓ ବିରୋଧି ସମର୍ଥୀତ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର ଜୋର ଧରିଥିବା ବେଳେ ପ୍ରଚାରରେ ବିଜେପି ସମର୍ଥୀତ ପ୍ରାର୍ଥୀମାନେ ଆଗୁଆ ଅଛନ୍ତି ।୧୬ଗୋଟି ୱାର୍ଡକୁ ନେଇ ଉକ୍ତ ଜାମୁଡ଼ିହା ପଂଚାୟତ ରହିଥିବା ବେଳେ ପାଂଚ ହଜାର ଭୋଟର ନିଜର ମତଦାନ କରିବେ । ସମିତିସଭ୍ୟା ରଶ୍ମିତା ମହାପାତ୍ର ଜଣେ ଗୃହିଣୀ ଭାବେ ନିର୍ବାଚନ ଲଢୁଥିବା ବେଳେ ତାଙ୍କର ମଣିଷପଣିଆ, ନିସ୍ୱାର୍ଥପର ମନଭାବ, ମିଷ୍ଟଭାଷୀ ସ୍ୱଭାବର ହୋଇଥିବାରୁ ପଂଚାୟତବାସୀ ତାଙ୍କ ଦଳ ସହ ତାଙ୍କର ବ୍ୟକ୍ତିତ୍ୱକୁ ବେଶ୍ ଆକୃଷ୍ଟ ହେଉଥିବାର ଶୁଣିବାକୁ ମିଳୁଛି । ଏତାଦୃଶ ଗୁଣ ପାଇଁ ରଶ୍ମିତା ମହାପାତ୍ର ପାଲା ଭାରି ରହିଥିବାର ଜଣାପଡ଼ିଛି । ସେହିପରି ବିଜେପି ସମର୍ଥୀତ ସରପଂଚ ପ୍ରାର୍ଥୀନୀ ଛନ୍ଦମଣି ମୁର୍ମୁ ଜଣେ ଦିନ ମଜୁରିଆ ହୋଇଥିବାରୁ ନିଜର ବ୍ୟକ୍ତିତ୍ୱ ପାଇଁ ଭୋଟରଙ୍କୁ ଆକୃଷ୍ଟ କରିଛି । ଜଣେ ଦିନମଜୁରିଆ ଭାବେ ସରପଂଚ ପଦବୀରେ ଛିଡ଼ା ହୋଇଥିବା ବେଳେ ଘର ଘର ବୁଲି ପ୍ରତିଭୋଟରଙ୍କୁ ମୁଁ ଆପଣଙ୍କ ଗାଁର ବୋହୂ । ଆପଣ ମତେ ଚିହ୍ନିଛନ୍ତି । ମୁଁ ଆପଣଙ୍କ ପାଇଁ କାମ କରିବି । ବିଗତ ଦିନରେ ଏହି ପଦବୀରେ ଯେଉଁ ବ୍ୟକ୍ତି ବିଶେଷ ଥିଲେ ସେମାନଙ୍କ ଭଳିଆ ମିଛୁଆ, ଦୁର୍ନିତୀଖୋର ହେବି ନାହିଁ । ଜିତିଲେ ନିସ୍ୱାର୍ଥଭାବେ ପଂଚାୟତ ବାସୀଙ୍କ ସେବା କରିବି ବୋଲି କହୁଥିବାର ଜଣାପଡ଼ିଛି । ଛନ୍ଦମଣିଙ୍କର ଅନୁରୂପ ପ୍ରଚାର ଦେଖି ଭୋଟର ତାଙ୍କ ଉପରେ ଆସ୍ଥା ପ୍ରକଟ କରୁଛନ୍ତି । ତେବେ ଉଭୟ ସମିତିସଭ୍ୟା ଓ ସରପଂଚଙ୍କ ସ୍ଥିତି ଭଲ ଥିବାର ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମାଓବାଦୀଙ୍କ ଲ୍ୟାଣ୍ଡମାଇନ....

ହେବାରୁ ତାଙ୍କର ମୃତ୍ୟୁ ହୋଇଛି । ବିସ୍ଫୋରଣର ତୀବ

ବାଲେଶ୍ୱର, ରବିବାର, ୦୬ ଫେବୃଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଗୋଟିଏ ଦିନରେ ୨୬୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୬୪୭୦୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୪୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୨୮ ହଜାର ୯୭୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬୯୬୫ ରହିଛି । ଆଜି ଚିହ୍ନଟ ହୋଇଥିବା ୨୬୦୩ ଜଣଙ୍କ ମଧ୍ୟରୁ ୧୫୨୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୮୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୪୪୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୦୨, ବାଲେଶ୍ୱର ଜିଲ୍ଲାରୁ ୪୮ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୩୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩୭ , କଟକରୁ ୨୦୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୪ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୪, ଗଂଜାମ ଜିଲ୍ଲାରେ ୮୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୦, ଯାଜପୁରରୁ ୧୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୬୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୨୬ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪୩ , ଖୋର୍ଦ୍ଧାରୁ ୪୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## କଂଗ୍ରେସର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ରାଜ୍ୟର ସମସ୍ତ ବୁଥ ସ୍ତରରେ ଦୁଇଜଣ (ଜଣେ ପୁରୁଷ ଓ ଜଣେ ମହିଳା) ସଭ୍ୟ ସଂଗ୍ରହକାରୀ ନିଯୁକ୍ତି କରାଯାଇ କଂଗ୍ରେସର ବୁଥସ୍ତରରୁ ସଭ୍ୟସଂଗ୍ରହ କରି ସଂଗଠନକୁ ମଜବୁତ କରାଯିବ। ଏହି ପକ୍ରିୟାରେ ସଭ୍ୟ ସଂଗ୍ରହକାରୀ ମାନେ ପ୍ରତି ବୁଥରେ ଶତାଧିକ ସଭ୍ୟସଂଗ୍ରହ କରିବେ ବୋଲି ସୂଚନା ଦେଇଛନ୍ତି ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ। ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବାବୁ କହିଲେ ଯେ କଂଗ୍ରେସର ଆଭ୍ୟନ୍ତରୀଣ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଇତି ମଧ୍ୟରେ ଆରମ୍ଭ ହୋଇଯାଇଛି। କେନ୍ଦ୍ରୀୟ ନିର୍ବାଚନ କମିଟିର ଅଧ୍ୟକ୍ଷଭାବେ ପୂର୍ବତନ ସାଂସଦ ମଧୁସୂଦନ ମିସ୍ତ୍ରିଙ୍କୁ ଦଳପକ୍ଷରୁ ନିଯୁକ୍ତି ଦିଆଯାଇଛି। ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ନିରଜ ଡାଙ୍ଗି ଓଡ଼ିଶା ପ୍ରଦେଶର ପ୍ରଦେଶ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି। ଶ୍ରୀ ଡାଙ୍ଗି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହିତ ଆଲୋଚନା କରିବେ ଓ ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ବ୍ଲକ ପାଇଁ ବ୍ଲକ ରିଟର୍ଣ୍ଣିଂ ଅଫିସର ଓ ଜିଲ୍ଲାପାଇଁ ଜିଲ୍ଲା ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରାଯିବ। କଂଗ୍ରେସ ତରଫରୁ ସଭ୍ୟସଂଗ୍ରହ କ୍ଷେତ୍ରରେ ଡିଜିଟାଲ ମାଧ୍ୟମକୁ ଉପଯୋଗ କରିବାର ଥିଲା। କିନ୍ତୁ ରାଜ୍ୟର ସମସ୍ତ ଅଂଚଳରେ ଇଂଟରନେଟ ସୁବିଧା ଉପଲବ୍ଧ ନାହିଁ। ତେଣୁ ଉଭୟ ଡିଜିଟାଲ ଓ ଅଫଲାଇନ ବ୍ୟବସ୍ଥା ମାଧ୍ୟମରେ ସଭ୍ୟ ସଂଗ୍ରହ କରାଯିବ। ପୁନଶ୍ଚ ଶ୍ରୀ ବାବୁ ଚଳିତ ପଂଚାୟତ ନିର୍ବାଚନ ସଂପର୍କରେ କହିଲେ ଯେ ରାଜ୍ୟରେ ଥିବା ବିଜେଡ଼ି ସରକାର ଓ କେନ୍ଦ୍ରରେ ଥିବା ବିଜେପି ସରକାର ବିରୋଧରେ ବ୍ୟାପକ ଜନଅସନ୍ତୋଷ ଓ ଆକ୍ରୋଷ ସୃଷ୍ଟି ହୋଇଛି। ଲୋକେ ଉଭୟଙ୍କୁ ପ୍ରତ୍ୟାଖାନ କରି କଂଗ୍ରେସ ଦଳକୁ ସମର୍ଥନ କରିବେ ଓ ପଂଚାୟତ ନିର୍ବାଚନରେ ତା'ର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ପିସିସି ସାଧାରଣ ସଂପାଦକ ଶ୍ରୀ ଚିନ୍ମୟ ସୁନ୍ଦର ଦାସ ସରସ୍ୱତୀ ପୂଜା ଅବସରରେ ଦଳତରଫରୁ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରି ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ।

## କୋଭିଡ କଟକଣା ମଧ୍ୟରେ ସବୁଠି ପୂଜା ପାଇଲେ ମା'ସରସ୍ୱତୀ

ବାଲେଶ୍ୱର,୦୫/୦୨ (ନି.ପ୍ର): ସହରଠାରୁ ପୁରପଲୀ ପର୍ଯ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହ ବାଗଦେବୀ ମାଆ ସରସ୍ୱତୀଙ୍କ ପୂଜା ଶନିବାର ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଲହର କରୋନା କଟକଣା କୋହଳ ହେବା ପରେ ଦୀର୍ଘ ଦୁଇବର୍ଷ ପରେ ବସନ୍ତ ପଞ୍ଚମୀ ଉତ୍ସବ ପାଳିତ ହୋଇଥିବା ଦେଖିବାକୁ ମିଳିଛି। ତେବେ କରୋନାର ପ୍ରକୋପ ସମ୍ପୂର୍ଣ୍ଣ ଯାଇନଥିବା ବେଳେ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ସାମାଜିକ ଦୂରତା ରକ୍ଷା ପୂର୍ବକ ବିଦ୍ୟାଳୟମାନଙ୍କରେ ମାଆଙ୍କର ଏହି ପୂଜାରେ ସୀମିତ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସହର ସମେତ ଜିଲାର ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନମାନଙ୍କରେ ନିରାଡ଼ମ୍ବର ଭାବେ ବିଧିରକ୍ଷା ପୂର୍ବକ ବାଗଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିବା ଲକ୍ଷ୍ୟ କରାଯାଇଛି। ବିଧି ଅନୁସାରେ ଛାତ୍ରଛାତ୍ରୀମାନେ ସଂକଳ୍ପ ଓ ପୁଷ୍ପାଞ୍ଜଳି ପ୍ରଦାନ ସହ ମାଆଙ୍କୁ ଆରାଧନା କରିଥିଲେ। ସେହିପରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ ମାଆ ସରସ୍ୱତୀଙ୍କ ପୂଜା କରାଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱର ସହରର କ୍ଲବମାନଙ୍କ ପକ୍ଷରୁ ମଣ୍ଡପରେ ସରସ୍ୱତୀ ପୂଜା ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲେ ବି କିଛି କିଛି ମଣ୍ଡପରେ ନିରାଡ଼ମ୍ବର ପୂଜା କରାଯାଇଥିବା ଦେଖିବାକୁ ମିଳିଥିଲା। କରୋନାର ପ୍ରକୋପ ସମ୍ପୂର୍ଣ୍ଣ ହ୍ରାସ ପାଇବା ପରେ ଆଗାମୀ ଦିନରେ ସାଧାରଣ ଜୀବନଯାତ୍ରା ସ୍ୱାଭାବିକ ହେବା ସହ ସମସ୍ତ ପର୍ବପର୍ବାଣୀ ଉତ୍ସବ ମୁଖର ହେବ ବୋଲି ସବୁ ମହଲରୁ ଆଶା ପ୍ରକାଶ କରାଯାଇଛି।

## ଶ୍ରୀକ୍ଷେତ୍ର ସ୍ୱଚ୍ଛତା ପାଇଁ ସଚେତନତା

ପୁରୀ, ୦୫/୦୨ (ନି.ପ୍ର): ଶ୍ରୀକ୍ଷେତ୍ରକୁ ସ୍ୱଚ୍ଛ ସହର ଭାବେ ଗଢି ତୋଳିବା ପାଇଁ ଶ୍ରୀକ୍ଷେତ୍ର ସ୍ୱଂୟ ସହାୟକ ଗୋଷ୍ଠୀ ପ୍ରୟାସ କରୁଛି । ଗୋଷ୍ଠୀ ପକ୍ଷରୁ ଶ୍ରୀକ୍ଷେତ୍ର କଲୋନୀ ପାର୍କରେ ସ୍ୱଚ୍ଛ ସର୍ବେକ୍ଷଣ ସଚେତନତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା ସାହିବରସିନ୍ଧା, ସ୍ୱଂୟ ସହାୟକ ଗୋଷ୍ଠୀ ଓ ଶିଶୁମାନଙ୍କୁ ସ୍ୱଚ୍ଛ ରଖିବା ପାଇଁ ଶପଥ ପାଠ କରାଇଥିଲେ । ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀ ସହରକୁ ରାଜ୍ୟରେ ଏକ ନମ୍ବର ସହର କରିବା ପାଇଁ ଅଧିକାରୀମାନେ ବାର୍ତା ଦେଇଥିଲେ । ଏଥିରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଶ୍ରୀକ୍ଷେତ୍ର ସ୍ୱଂୟ ସହାୟକ ଗୋଷ୍ଠୀର ଆବାହିକା ଉତମା ରାଉତ, ସ୍ୱଚ୍ଛ ସାଥୀ ରଶ୍ମିତା ବାରିକ, ବାସନ୍ତି ବାରିକ, ସୁଜାତା ଘଟକ, ସୁଦେଷ୍ଣା ମଲ୍ଲ, ସୁପରଭାଇଜର ବିଥିକା ସେନ, ସ୍ୱଚ୍ଛ ସୈନିକ ସପନ ନାୟକ, ମାଳ ଦେଇ, ରାମ ନାୟକ, ସୁକାନ୍ତି ଦେଇ, ଶିବ ନାଇକ, ବିଳାସିନୀ ନାଇକ, ରତନ ନାୟକ,ଦିପକ ନାୟକ, ସୁଚିତ୍ରର ନାଇକ, ସାନିଟାରି ଇନିସ୍‌ପେକ୍ଟର, ଗଣେଶ ପ୍ରସାଦ ସିଂହ, ଆସିଷ୍ଟାଣ୍ଟ ସାନିଟାରି ଇନସ୍‌ପେକ୍ଟର ହୃଶିକେଶ ଜେନ, ଅରୁଣ ନାୟକ, ପ୍ରମୁଖ ଯୋଗଦେଇ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ ।

## ବଡ଼ଖୁଆରେ ଜିଲ୍ଲାସ୍ତରୀୟ ମାରାଂବୁରୁ ପୂଜା

ବାଲେଶ୍ୱର,୦୫/୦୨ (ନି.ପ୍ର): ସହରର ବଡ଼ଖୁଆ ଜୁଆନ ଜୁମିଦ ଯୁବକ ସଂଘ ପକ୍ଷରୁ ଜିଲାସ୍ତରୀୟ ଆଦିବାସୀ ସମ୍ମିଳନୀ ଓ ସାମୂହିକ ମାରାଂବୁରୁ ପୂଜା ବେଶ ହର୍ଷ ଉଲାସରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହର ସମେତ ଜିଲାର ଇଞ୍ଚୁଡ଼ି ପାହି, ଜୟଦେବକସବା, ନିଧିପଣ୍ଡା, ପାତ୍ରପଡ଼ା ପ୍ରଭୃତି ଅଞ୍ଚଳ ସମେତ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରୁ ଆଦିବାସୀମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ବଡ଼ଖୁଆ ପଡ଼ିଆରେ ଆଦିବାସୀ ପୂଜକ ବା ଦେହୁରୀ ମାରାଂବୁରୁ ଦେବତାଙ୍କୁ ବିଧିମତେ ପୂଜାର୍ଚ୍ଚନା କରିବା ପରେ ପାରମ୍ପାରିକ ନୃତ୍ୟଗୀତ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହୋଇଥିଲେ। ଶ୍ରୀ ପଞ୍ଚମୀରେ ଅନୁଷ୍ଠିତ ଏହି ଉତ୍ସବରେ ସକାଳେ ସମସ୍ତେ ଘର ଘରେ ମାରାଂବୁରୁ ଦେବତାଙ୍କୁ ପଜୂ କରିବା ପରେ ବଡ଼ଖୁଆ ଗ୍ରାମସ୍ଥିତ ଦେବତାଙ୍କ ଆସ୍ଥାନରେ ସାମୂହିକ ପୂଜା ଆୟୋଜିତ ହୋଇଥିଲା। ଅପରାହ୍ନରେ ମାରାଂବୁରୁ ଦେବତାଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସାମୂହିକ ନୃତ୍ୟ କାର୍ଯ୍ୟକ୍ରମ ସମଗ୍ର ଅଞ୍ଚଳ ପାଇଁ ଆକର୍ଷଣର କେନ୍ଦ୍ରମିନ୍ଦୁ ଥିଲା। ପରିବାରର କୁଶଳ ମଙ୍ଗଳ ଓ ଆଦିବାସୀ ସମାଜର କଲ୍ୟାଣ ନିମନ୍ତେ ଏହି ଉତ୍ସବ ଆୟୋଜିତ ହୋଇଥାଏ ବୋଲି ଯୁବକ ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଆଦିବାସୀ ଦେବାତାଙ୍କ ଆଶୀର୍ବାଦରୁ ସେମାନେ ଶାନ୍ତି ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହ ଜୀବନଯାପନର କାମନା କରି ଏହି ଉତ୍ସବ ପାଳନ କରିଥା'ନ୍ତି ବୋଲି ସେମାନେ କହିଥିଲେ। ତେମେ ମାଦଳ ଓ ଘଣ୍ଟାର ତାଳେ ତାଳେ ପାରମ୍ପାରିକ ବେଶଭୂଷାରେ ସଜ୍ଜିତ ବହୁ ଆଦିବାସୀ ପୁରୁଷ ଓ ମହିଳା ହାତକୁ ହାତ ଧରି ନାଚୁଥିବା ଦେଖିବାକୁ ମିଳିଥିଲା। ଲାଲ ମୋହନ ହେମ୍ବ୍ରମ, ସୁରେନ ମୁର୍ମୁ, ଦାସ ହେମ୍ବ୍ରମ, ବୁଦ୍ଧିଆ ହେମ୍ବ୍ରମ, ଦାସ ହେମ୍ବ୍ରମ, ଉଦୟ ହେମ୍ବ୍ରମ, ଶ୍ୟାମ ମୁର୍ମୁ, ମହେନ୍ଦ୍ର ମାଝୀ, ଜିତେନ୍ଦ୍ର ମୁର୍ମୁ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ଖପରପଦା ପଂଚାୟତରେ ଦ୍ୱିମୁଖୀ ଲଢାଇ : ଫାଇଦାରେ ବିଜେଡ଼ି

ଭଦ୍ରକ, ୦୫/୦୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଧାମନଗର ବ୍ଲକରେ ଖପରପଦା ପଂଚାୟତର ନିର୍ବାଚନ ପ୍ରଚାର ଏବେ ଯୋରଦାର ଚାଲିଛି। ଉକ୍ତ ପଂଚାୟତର ୧୧ଟି ୱାର୍ଡ଼ରେ୫ହଜାର ୫୩ଜଣ ଭୋଟର ସେମାନଙ୍କ ମତଦାନ କରିବେ। ଉକ୍ତ ପଂଚାୟତର ବିଶେଷକରି ବିଜେଡ଼ି ଓ ବିଜେପି ମଧ୍ୟରେ ସରପଂଚ ଓ ସମିତିସଭ୍ୟ ପ୍ରାର୍ଥୀ ପାଇଁ କଡାଟକ୍କର ହେବ। ଗତ ୨୦୧୭ ମସିହାରେ ପଂଚାୟତ ନିର୍ବାଚନରେ ବିଜେଡ଼ିର ଅସନ୍ତୁଷ୍ଟଗୋଷ୍ଠୀ ପରିବର୍ତନ ସାମୁଖ୍ୟ କରି ବିଜେପିସହ ମେ କରିଥିଲେ ଏବଂ ବିଜେପି ସମର୍ଥୀତ ସରପଂଚ ପ୍ରାର୍ଥୀ ଗୟାଧର ନାୟକ ନିର୍ବାଚିତ ହୋଇଥିଲେ ଏବଂ ସମିତିସଭ୍ୟ ପ୍ରାର୍ଥୀ ପରିବର୍ତନ ସାମୁଖ୍ୟରୁ ବିଜୟ ହୋଇ ପରବର୍ତି ସମୟରେ ବିଜେପିରେ ସାମିଲ ହୋଇଯାଇଥିଲେ। ତେବେ ଗତନିର୍ବାଚନ ଆଉ ଚଳିତ ନିର୍ବାଚନରେ ସମ୍ପୂର୍ଣ୍ଣଭାବରେ ନିର୍ବାଚନ ବାତାବରଣ ଅଲଗା ହୋଇଛି। ଗତ ନିର୍ବାଚନରେ ବିଜେଡ଼ିର ଦୁଇଗୋଷ୍ଠୀ ବିବାଦ ଓ କଳିଯୋଗୁ ବିଜେପି ସରପଂଚ ପଦ ହାତେଇଥିଲା। ହେଲେ ଗତଥର ବିଜେଡ଼ିକୁ ବିରୋଧ କରୁଥିବା ପୂର୍ବତନ ସମିତିସଭ୍ୟ ଗଦାଧର ସାହୁ ଏବଂ ଜିଲ୍ଲାପରିଷଦ ପ୍ରାର୍ଥୀ ସାରଦାପ୍ରସନ୍ନ ସାହୁ ଏଥର ସମ୍ପୂର୍ଣ୍ଣ ଭାବରେ ବିଜେଡ଼ିକୁ ବିଜୟ କରିବାପାଇଁ ଅଂଟା ଭିଡ଼ିଛନ୍ତି। ଯାହାଫଳରେ ଚଳିତ ପଂଚାୟତ ନିର୍ବାଚନରେ ଖପରପଦା ପଂଚାୟତର ପ୍ରଚାର ପ୍ରସାର ଓ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ବିଜେଡ଼ି ସମର୍ଥୀତ ପ୍ରାର୍ଥୀ ନବଗତା ଅନୁସୟା ସାହୁ ଓ ସମିତିସଭ୍ୟ ପ୍ରାର୍ଥୀ ଭାବରେ ଭାରତବିଜୟ ଦଳାଇ ଏମାନେ ଉକ୍ତ ପଂଚାୟତର ସ୍ୱଚ୍ଛ ଓ ଦୁର୍ନୀତୀ ମୁକ୍ତ ପଂଚାୟତ କରିବା ଓ ସମସ୍ତଙ୍କୁ ଉଚିତ ସମ୍ମାନଦେବାପାଇଁ ଭୋଟରଙ୍କୁ ଭିକ୍ଷା କରିଛନ୍ତି। ଅପରପକ୍ଷେ ବର୍ତମାନର ସରପଂଚ ଗୟାଧର ନାୟକ ପୁଣି ୫ବର୍ଷ ପଦବି ହାତେଇବା ପାଇଁ ନିଜର ସହଧର୍ମିଣୀ ଅର୍ଚ୍ଚନା ନାୟକଙ୍କୁ ସରପଂଚ ଭାବେ ପ୍ରାର୍ଥୀ କରାଇଛନ୍ତି। ଅପରପକ୍ଷେ ସମିତିସଭ୍ୟ ସଞ୍ଜୁଲତା ସାହୁ ପୁଣିଥରେ ନିଜ ପଦବୀ ଅକ୍ତିଆର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ତେବେ ଗତନିର୍ବାଚନ ଫାଇଦା ଏଥର ବିଜେପିକୁ ଏତେଟା ସଫଳତା ମିଳିନପାରେ। କାରଣ ୫ବର୍ଷ ଭିତରେ ସରପଂଚ ଶ୍ରୀ ନାୟକ କେବଳ ବିଭିନ୍ନ ବିବାଦୀୟ ଘଟଣାରେ ଛନ୍ଦିହୋଇ ସେପରି ଆଖିଦୃଶିଆ ବିକାଶମୂଳକ କାର୍ଯ୍ୟ କରିପାରିଲେ ନାହିଁ ଏବଂ ଗତଥରର ଗଦାଧରକୁ ନିର୍ବାଚନରେ ସାହାର୍ଯ୍ୟ କରିଥିବା ଅସନ୍ତୁଷ୍ଟ ବିଜେଡ଼ି କର୍ମୀ ଏଥର ବିଜେଡ଼ିର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଅଂଟା ଭିଡ଼ିଥିବାରୁ ବିଜେପି ଏବେ ଘାଇଲା ଅବସ୍ଥାରେ ରହିଛି। ତେବେ ଶେଷ ମୁହୂର୍ତ୍ତରେ ବିଜେପି ତା'ର ପୂର୍ବ ସ୍ଥିତି ଅକ୍ତିଆର କରିବାପାଇଁ କଳବଳ କୌଶଳ ଲଗାଇଦେଇଛି। ତେବେ ଯେମିତି ବୁଣିବ ସେମିତି କାଟିବା ନେଇ- ଭୋଟର ଜନାର୍ଦ୍ଦନ ଯାହାକୁ ସାହାଯ୍ୟ କରିବେ ସେ ଏଥର ଖପରପଦା ପଂଚାୟତର ସରପଂଚ ଭାବେ ଅଧିତିଷ୍ଠ ହେବେବୋଲି ରାଜନୈତୀକ ସମିକ୍ଷକମାନେ ମତପ୍ରକାଶ କରିଛନ୍ତି। ତେବେ ଆଜି ଖପରପଦା ପଂଚାୟତର ବିଜେଡ଼ି ସମର୍ଥିତ ସରପଂଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ପ୍ରାର୍ଥୀ ମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବାର ଦେଖିବାକୁ ମିଳିଛି।

## ଶ୍ରୀପଞ୍ଚମୀରେ 'ରୂପାୟନ'ର ଭଜନ କାର୍ଯ୍ୟକ୍ରମ

ବାଲେଶ୍ୱର,୦୫/୦୨ (ନି.ପ୍ର): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସବୀ ସଂଗଠନ 'ରୂପାୟନ' ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀପଞ୍ଚମୀ ଅବସରେ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ଆୟୋଜିତ ଏହି ଭଜନ କାର୍ଯ୍ୟକ୍ରମରେ ରୂପାୟନର ମୁଖ୍ୟ ଶ୍ରଦ୍ଧାଞ୍ଜଳି ରାୟ ସଂଯୋଜନା କରିଥିଲେ । ଆଇନଜୀବୀ ବିଜୟ ପାଣିଗ୍ରାହୀ, ଯୁବ ସଂଗଠକ ଗିରିଜା ଶଙ୍କର ଦାସ, ତାପସ ସାହୁ, ଜୟଶ୍ରୀ ବିଶ୍ୱାଳ, ଦମୟନ୍ତୀ ପଣ୍ଡା, ରାଜଲକ୍ଷ୍ମୀ ଯତି, ସୁବ୍ରତ କର, ସୁକାନ୍ତି ଦେବଗୋସ୍ୱାମୀ, ପ୍ରତିମା ପଣ୍ଡା, ସୁଚିସ୍ମିତା ଦେବଗୋସ୍ୱାମୀ, ରୀନା ପାତ୍ର, ଗୌତମୀ ଦାସ ପ୍ରମୁଖ ଯୋଗଦେଇ ରୂପାୟନର ସମାଜ ସଂସ୍କାର ମୂଳକ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ମୋନାଲିସା ପଣ୍ଡା, ଦେବିରାଣୀ ଦାସ, ସୁଜିତ ଭୋଇ, ସୁଚିସ୍ମିତା ସମାନ୍ତରାୟ, ବନଜାରାଣୀ କର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ତୁନଜା କର, ଅଭୟ ଦାସ, ସବିତା ମହାନ୍ତି, ସଂଯୁକ୍ତାରାଣୀ ବେହେରା, ଶୀତାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୧,୨୭,୯୫୨ନୂଆ ମାମଲା

ନୂଆଦିଲ୍ଲୀ, ୦୫/୦୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧,୨୭,୯୫୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧୦୫୯ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୩,୩୧,୬୪୮ ଥିବା ବେଳେ ବର୍ତମାନ ସୁଦ୍ଧା ୫,୦୧,୧୧୪ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ରାଜ୍ୟରେ ଆଉ ୫୩୭୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର, ୦୫/୦୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ଆଉ ୫୫୭୬ ଜଣ କରୋନା ସଂକ